visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.52 Bhubaneswar Friday, April 02, 2021 ୨୪ତମ ବର୍ଷ ସଂଖ୍ୟା-୫୨ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୨, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଆସାମ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ଆସାମର ନାଲବାରୀ ଜିଲ୍ଲାରେ ଭୋଟରଙ୍କୁ ଅବିସ୍ମରଣୀୟ ଇଙ୍କି ପରିଚାଳନା କରୁଥିବା ମତଦାନ

## ସୁଶୀଲ ଲୋହାନୀଙ୍କୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଦବୀରୁ ହଟାଯାଉ:ବିଜେପି

ଭୁବନେଶ୍ୱର, ୧।୪(ପି.ଏନ): ସୁଶୀଳ କୁମାର ଲୋହାନୀ ଗୋଟିଏ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସହ ରାଜ୍ୟ ଅବକାରୀ ସଚିବ ଦାୟିତ୍ୱ ତୁଲାଉଛନ୍ତି । ଏଭଳି ସ୍ଥିତିରେ ସେ କିପରି ଅବାଧ ନିରପେକ୍ଷ ନିର୍ବାଚନ କରାଇ ପାରିବେ ବୋଲି ବିଜେପି ପ୍ରଶ୍ନ କରିଛି । ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସରକାରଙ୍କ ଠାରୁ ସ୍ୱତନ୍ତ୍ର ହେବା ଦରକାର । ହେଲେ ସେ ଯେହେତୁ ରାଜ୍ୟର ଅବକାରୀ ସଚିବ ଅଛନ୍ତି ଏଥିରେ ସ୍ପଷ୍ଟ ଭାବରେ 'କନଫ୍ଲିକ୍ଟ ଅଫ ଇନଟ୍ରେଷ୍ଟ' ଜଣାପଡୁଛି । ତେଣୁ ତାଙ୍କୁ ତୁରନ୍ତ ଯେ କୌଣସି ଗୋଟିଏ ଦାୟିତ୍ୱରୁ ମୁକ୍ତ କରାଯାଉ ।

# ଗୋଟିଏ ଦିନରେ ୩୯୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୩୯୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୧୩୧୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୭୦୯୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୨୪୬ ରହିଛି ।ଆଜି ଚିହ୍ନଟ ହୋଇଥିବା ୩୯୪ ଜଣଙ୍କ ମଧ୍ୟରୁ ୨୩୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫ ଜଣ, ବରଗଡ଼ରୁ ୩୪ ଜଣ, ଭଦ୍ରକରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୦ ଜଣ, କଟକରୁ ୨୭ ଜଣ, ଢେଙ୍କାନାଳରୁ ୪ଜଣ, ଗଞ୍ଜାମରୁ ୭ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୭ ଜଣ, ଝାରସୁଗୁଡ଼ାରୁ ୬ ଜଣ, କଳାହାଣ୍ଡିରୁ ୪୩ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୭୦ଜଣ, କୋରାପୁଟରୁ ୪ ଜଣ, ମୟୂରଭଞ୍ଜରୁ ୧୯ଜଣ, ନବରଙ୍ଗପୁର ରୁ ୩ ଜଣ, ନୟାଗଡ଼ରୁ ଜଣେ, ନୂଆପଡ଼ାରୁ ୪୦ ଜଣ, ପୁରୀରୁ ୧୨ଜଣ, ରାୟ ଗଡ଼ାରୁ ୩ ଜଣ ସଂକ୍ରମିତଚ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୩୧ ଜଣ ଓ ଷ୍ଟେଟ୍ ପୁଲରୁ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଆଜିଠାରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଉପରାଷ୍ଟ୍ରପତି

ଭୁବନେଶ୍ୱର, ୧।୪(ପି.ଏନ): ଉପରାଷ୍ଟ୍ରପତି ଶ୍ରୀ ଏମ. ଭେଙ୍କେୟା ନାଇଡୁ ଆସନ୍ତାକାଲି (ଶୁକ୍ରବାର) ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ଅବସରରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତନ ଉତ୍ସବ ତଥା ସମାବର୍ତନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏହାଛଡ଼ା ସେ କଟକସ୍ଥିତ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ସମାରୋହରେ ମଧ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଗୁରୁବାର ଅପରାହ୍ନରେ କାରକେଡ୍ ଅଭ୍ୟାସ କରାଯାଇଛି। ଭୁବନେଶ୍ୱର ସମେତ କଟକ ଠାରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଉପରାଷ୍ଟ୍ରପତି ଶ୍ରୀ ନାଇଡୁ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବା ପରେ ଅପରାହ୍ନ ସାଢ଼େ ୫ଟାରେ କଟକର ବିଜୁ ପଟ୍ଟନାୟକ ଛକ ଠାରେ ଥିବା ସାରଳା ଭବନ ପରିସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ଏବଂ ସାରଳା ସାହିତ୍ୟ ସଂସଦର ୪୦ତମ ବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଏପ୍ରିଲ ୩ ତାରିଖ, ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏହି ସମାରୋହରେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅଧ୍ୟକ୍ଷତା କରିବେ। ଏହି ଅବସରରେ ଉପରାଷ୍ଟ୍ରପତି ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୁ ପଣ୍ଡା, ଭାବା ଆଟମିକ ରିସର୍ଚ୍ଚ ସେଂଟରର ନିର୍ଦ୍ଦେଶକ ଅଜିତ କୁମାର ମହାନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଉପଦେଷ୍ଟା ଡ. ବିଜୟ କୁମାର ସାହୁ, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି) ଗିରିଶ ଚନ୍ଦ୍ର ମୁର୍ମୁ ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବେ। ଏହି ଅବସରରେ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ୪୧ ଜଣଙ୍କୁ ପିଏଚଡି ଓ ୯୦ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସେହିପରି ୨୦୧୮-୧୯ ଶିକ୍ଷା ବର୍ଷ ପାଇଁ ୧୩୦ ଜଣଙ୍କୁ ପିଏଚଡି/ଡିଲିଟ୍ ଏବଂ ୯୦ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିବା ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କର କୋଭିଡ୍ ଟେଷ୍ଟ କରାଯାଇଛି। ସେହିଦିନ ଅପରାହ୍ନରେ ଉପରାଷ୍ଟ୍ରପତି ଦିଲ୍ଲୀ ଅଭିମୁଖେ ପ୍ରସ୍ଥାନ କରିବେ।

## ୪୦ ଡିଗ୍ରୀ ଉପରେ ୧୫ ସହର

ଭୁବନେଶ୍ୱର, ୧।୪(ପି.ଏନ): ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତେବେ ଗତକାଲି ତୁଳନାରେ ଆଜି (ଗୁରୁବାର) ତାପମାତ୍ରା ସାମାନ୍ୟ କମ୍ ରହିଛି। ଗୁରୁବାର ରାଜ୍ୟର ୧୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି। ତାଳଚେର ଓ ଅନୁଗୁଳର ତାପମାତ୍ରା ସର୍ବାଧିକ ୪୨.୭ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରର ତାପମାତ୍ରା ୩୯.୮ ଓ କଟକରେ ୩୯.୨ ଡିଗ୍ରି ସେଲସିୟସ ରହିଛି। ଏହା ବ୍ୟତୀତ ବାଲେଶ୍ୱରରେ ୩୭.୫, ଚାନ୍ଦବାଲି ୩୯.୬,ପାରାଦୀପ ୩୧.୮ ,ଗୋପାଳପୁର ୩୧.୮,ପୁରୀ ୩୩.୦ , ବାରିପଦା ୪୨.୨, ଝାରସୁଗୁଡ଼ା ୪୦.୦୬ , କେନ୍ଦୁଝର ୩୯.୮ , ସମ୍ବଲପୁର ୪୧.୪ , ସୁନ୍ଦରଗଡ଼ ୪୧.୫ , ହୀରାକୁଦ ୪୦.୭ , ଭବାନୀପାଟଣା ୪୧.୬ , କୋରାପୁଟ ୩୭.୫ , ଫୁଲବାଣୀ ୪୦.୦ , ଟିଟଲାଗଡ଼ ୪୨.୨ , ମାଲକାନଗିରି ୪୨.୦ , ସୋନପୁର ୪୦.୮ , ଦାରିଙ୍ଗିବାଡ଼ି ୩୭.୦ , ନୟାଗଡ଼ ୪୧.୭, ବୌଦ୍ଧ ୪୨.୦ , ଛତ୍ରପୁର ୩୪.୫ , ପାରଳାଖେମୁଣ୍ଡି ୪୨.୨ ଓ ରାୟଗଡ଼ା ୩୯.୮ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି।

## ଗୁଡ୍ ଫ୍ରାଇଡେ ପାଇଁ ବିଏମ୍‌ସି ପକ୍ଷରୁ କଟକଣା ଜାରି

ଭୁବନେଶ୍ୱର, ୧।୪(ପି.ଏନ): ଆସନ୍ତାକାଲି ଗୁଡ୍ ଫ୍ରାଇଡେ ପାଳନ ପାଇଁ ଚର୍ଚ୍ଚ ଭିତରକୁ ପ୍ରବେଶ ନେଇ ବିଏମ୍‌ସି ପକ୍ଷରୁ କଟକଣା ଜାରି କରାଯାଇଛି। ଏହି କଟକଣା ଅନୁଯାୟୀ ୬୫ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୧୦ବର୍ଷରୁ କମ୍ ଶିଶୁ ଚର୍ଚ୍ଚ ମଧ୍ୟକୁ ପ୍ରବେଶ ମନା। ସାରି ଏବଂ ଇଲି ଲକ୍ଷଣ ରହିଥିବା ବ୍ୟକ୍ତିମାନେ ମଧ୍ୟ ପ୍ରବେଶ କରିପାରିବେ ନାହିଁ।

# ଏପ୍ରିଲ ମାସର ସବୁ ଦିନ ଦିଆଯିବ ଟିକା ; ସବୁ ରାଜ୍ୟକୁ କେନ୍ଦ୍ରର ଚିଠି

ନୂଆଦିଲ୍ଲୀ, ୧।୪(ପି.ଏନ): ସାରା ଦେଶରେ କୋଭିଡ଼ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଏପ୍ରିଲ ମାସରେ ବିଜ୍ଞପିତ ଛୁଟିଦିନକୁ ମିଶାଇ ସବୁ ଦିନ (ଆଜି ଦିନକୁ ମିଶାଇ ଏପ୍ରିଲ ୩୦, ୨୦୨୧ ତାରିଖ ପର୍ଯ୍ୟନ୍ତ) ଉଭୟ ସରକାରୀ ଓ ଘରୋଇ କୋଭିଡ଼ ଟିକାକରଣ କେନ୍ଦ୍ର (ସିଭିସି)ରେ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିବ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରର ସରକାରଙ୍କ ନିକଟକୁ ଆଜି ପତ୍ର ଲେଖିଛନ୍ତି ଏବଂ ସେହି ପତ୍ରରେ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ଉପର ବର୍ଣ୍ଣିତ ସମସ୍ତ ସିଭିସିମାନଙ୍କରେ କୋଭିଡ଼ ଟିକାକରଣ ଜାରି ରଖିବା ନିମନ୍ତେ ଆବଶ୍ୟକ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଅନ୍ତୁ ଯଦ୍ୱାରା ମାସସାରା ସବୁ ଦିନ ଯେଉଁଥିରେ କି ଏପ୍ରିଲ ମାସ ପାଇଁ ବିଜ୍ଞପିତ ଛୁଟିଦିନ ସାମିଲ ଟିକାକରଣ କାର୍ଯ୍ୟକ୍ରମ ଜାରି ରହିପାରିବ। ଗତକାଲି ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରର ସଂପୃକ୍ତ ଅଧିକାରୀମାନଙ୍କ ସହ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରାଯିବା ପରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। ଏହା ଦ୍ୱାରା କୋଭିଡ଼ ଟିକାକରଣ କାର୍ଯ୍ୟକ୍ରମ ଓ ବ୍ୟାପ୍ତି ଓ ମାତ୍ରାକୁ ଦ୍ରୁତ ମାତ୍ରା ବୃଦ୍ଧିକୁ ସୁନିଶ୍ଚିତ କରାଯାଇପାରିବ। ଭାରତ ସରକାର କୋଭିଡ଼ ୧୯ ଟିକାକରଣ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରଙ୍କ ସହ କରିଥିବା ଆଲୋଚନା ପରେ ଏଦିଗରେ ସକାରାତ୍ମକ ବିହିତ ପଦକ୍ଷେପ ପାଇଁ ନିଆଯାଇଥିବା ନିଷ୍ପତି ଆଧାରରେ ଏହା କାର୍ଯ୍ୟକାରୀ କରାଯାଉଛି।କୋଭିଡ଼ ୧୯ ଭୂତାଣୁ ମହାମାରୀ ସାରା ଦେଶରେ ଯେଉଁଭଳି ଭାବେ ବୃଦ୍ଧି ପାଉଛି ତାହାକୁ ପ୍ରତିହତ କରିବା ଏବଂ ଏଥିରେ ଅଧିକ ମାତ୍ରାରେ ଆକ୍ରାନ୍ତ ହେବା ଆଶଙ୍କା କରାଯାଉଥିବା ଲୋକଙ୍କୁ ସୁରକ୍ଷା ପ୍ରଦାନ କରି ସୁରକ୍ଷିତ ରଖିବା ହେଉଛି ଟିକାକରଣ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଏବଂ ଏହି କାର୍ଯ୍ୟକ୍ରମକୁ ଭାରତ ସରକାର ନିୟମିତ ଭାବେ ସମୀକ୍ଷା କରି ଦେଖୁଛନ୍ତି ଏବଂ ସର୍ବୋଚ୍ଚ ସ୍ତରରେ ଏହାକୁ ମନିଟର କରାଯାଉଛି। ଉଲ୍ଲେଖ୍ୟଯୋଗ୍ୟ ଯେ ୪୫ ବର୍ଷ ଠାରୁ ଉର୍ଦ୍ଧ୍ୱ ଆୟୁ ସୀମାର ସମସ୍ତ ନାଗରିକଙ୍କୁ ଟିକାଦାନ କାର୍ଯ୍ୟ ଆଜିଠାରୁ ଆରମ୍ଭ ହୋଇଛି।

# ପାରାଦ୍ୱୀପ ବନ୍ଦର ଅପୂର୍ବ ସଫଳତା : ୧୪୪.୫୫ ମେଟ୍ରିକ୍ ଟନ୍ କାର୍ଗୋ ହ୍ୟାଣ୍ଡଲିଙ୍ଗ କରି ରେକର୍ଡ ସୃଷ୍ଟି କରିଛି




ପାରାଦ୍ୱୀପ, ୧।୪(ପି.ଏନ): ପାରାଦୀପ ବନ୍ଦର ଆର୍ଥିକ ବର୍ଷ ୨୦୨୦-୨୧ରେ ଅପୂର୍ବ ସଫଳତା ହାସଲ କରି ସାରା ଭାରତ ବର୍ଷରେ ନିଆରା ରେକର୍ଡ ସୃଷ୍ଟି କରିଛି। ସାଇକୋଲନ୍ ଅମ୍ପାନ ଏବଂ ମାରାତ୍ମକ କରୋନା ବନ୍ଦରର ସଫଳତା ପଥରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିପାରିନାହିଁ। ଲଗାତାର ୪ ବର୍ଷ ଧରି କାର୍ଗୋ ହ୍ୟାଣ୍ଡଲିଙ୍ଗରେ ୧୦୦ ମେଟ୍ରିକ୍ ଟନ୍ ପରିବହନ କରି ସିପିଙ୍ଗ ଦୃଷ୍ଟିକୋଣରୁ ଏକ ଉଦାହରଣ ପ୍ରଦର୍ଶିତ କରି ଉଚ୍ଚପ୍ରଶଂସା ସାଉଟିଛି। ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ ରେ ୧୪୪.୫୫ ମେଟ୍ରିକ୍ ଟନ୍ କାର୍ଗୋ ହ୍ୟାଣ୍ଡଲିଙ୍ଗ କରି ସାରା ଭାରତରେ ୨ୟ ସ୍ଥାନରେ ରହିଛି। ଏଥି ପାଇଁ ବନ୍ଦର ଅଧ୍ୟକ୍ଷ ବିନୀତ କୁମାର ସମସ୍ତ ଶ୍ରେୟ ଷ୍ଟିଭେଡର୍ସ, ଏଜେଂଟ, ଟ୍ରେଡ ୟୁନିୟନ ଓ କର୍ମଚାରୀମାନଙ୍କ ଆଂରିକ ସେବାକୁ ଭୂୟସୀ ପ୍ରଶଂସା କରିଛନ୍ତି। କୋଇଲା, ଆଇରନ ଏବଂ କାର୍ଗୋ ହ୍ୟାଣ୍ଡଲିଙ୍ଗରେ ପାରାଦ୍ୱୀପ ବନ୍ଦରର ଭୂମିକା ସର୍ବଦା ମାଇଲଖୁଂଟ ନିଦର୍ଶନ ପ୍ରଦର୍ଶନ କରିଆସୁଛି। କୋଭିଡି ପରିଚାଳନା ଦକ୍ଷତାକୁ ମଧ୍ୟ ପ୍ରଶଂସା କରିବାକୁ ଅଧ୍ୟକ୍ଷ ଶ୍ରୀ ବିନୀତ କୁମାର ଭୁଲି ନାହାଁନ୍ତି। ମୋଟ ୮୬୨ ଜଣଙ୍କର କୋଭିଡ-୧୯ ନମୁନା ପରିକ୍ଷା କରଯାଇଥିଲା। ଯେଉଁଥିରୁ ୧୯୮ ଜଣ ପଜେଟିଭ୍ ବାହାରିଥିଲେ। କୋଭିଡ୍ କେୟାର କେନ୍ଦ୍ରରେ ୫୨ ଜଣ ଚିକିତ୍ସା ହୋଇଥିଲେ। ବନ୍ଦର ଡାକ୍ତରଖାନାକୁ କୋଭିଡ୍ ଇମୁନାଇଜେନ କେନ୍ଦ୍ର ଭାବେ ଗ୍ରହଣ କରାଯାଇ ୨୭୭ ଜଣ ସ୍ୱାସ୍ଥ୍ୟକର୍ମୀ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ୩୯୫୧ ଜଣ ଟିକା ଗ୍ରହଣ କରିଛନ୍ତି। ପରିବେଶ୍ ସୁରକ୍ଷା ଦୃଷ୍ଟିରୁ ବନ୍ଦର ବିଭିନ୍ନ ଦାୟୀତ୍ୱ ନିର୍ବାହ କରି ନିଜର ସାମାଜିକ ଅଙ୍ଗୀକାରବଦ୍ଧତାକୁ ଲୋକଲୋଚନକୁ ଆଣିବାରେ ସଫଳତା ହାସଲ କରିଛି ବୋଲି ଶ୍ରୀ ବିନୀତ କୁମାର କହିଛନ୍ତି।




## ବାର୍ତ୍ତା

ପବିତ୍ର ଗୁଡ଼ ଫ୍ରାଇଡେ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା


## ୧୬ ଜିଲ୍ଲାକୁ ହିଟ୍ ୱେଭ୍ ପାଇଁ ଅରେଂଜ ୱାର୍ଣ୍ଣିଂ , କାଲିଠାରୁ କମିପାରେ ତାତି !

ଭୁବନେଶ୍ୱର, ୧।୪(ପି.ଏନ): ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବେ। ତେବେ ଆସନ୍ତାକାଲି ଅପରାହ୍ନରେ କାଳବୈଶାଖୀ ସମ୍ଭାବନା ଥିବାରୁ ତାପମାତ୍ରା ହ୍ରାସ ପାଇପାରେ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ୧ଟା୩୦ରୁ ଆସନ୍ତାକାଲି (ଶୁକ୍ରବାର) ସକାଳ ୮ଟା୩୦ ପର୍ଯ୍ୟନ୍ତ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ଏହି ସମୟ ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ନୟାଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡା, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବାର ସମ୍ଭାବନା ରହିଛି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପବିତ୍ର କେଦାର ଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦୂଷିତ



ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱରସ୍ଥ ପବିତ୍ର କେଦାରଗୌରୀ କୁଣ୍ଡର ଜଳ ବିଭିନ୍ନ ବର୍ଜ୍ୟବସ୍ତୁ ଦ୍ୱାରା ଦିନକୁ ଦିନ ଅପରିଷ୍କାର ଓ ଦୂଷିତ ହେବାରେ ଲାଗିଛି । ଏହି ପବିତ୍ର କୁଣ୍ଡରେ କୁଢ କୁଢ ପିଇବାପାଣିର ପ୍ଲାଷ୍ଟିକ ବୋତଲ, ଥଣ୍ଡା ପାନୀୟ ଫୁଟିର କାଗଜ ଖୋଳ ଓ ଅନ୍ୟାନ୍ୟ କାଗଜ ପତ୍ର ପଡି ଏହାର ପବିତ୍ର ପାଣି ଦୂଷିତ ହୋଇଯାଇଛି । ଏହାଛଡା ରକ୍ଷଣାବେକ୍ଷଣ ଅଭାବରୁ ଏହାର ପବିତ୍ର ଜଳରେ ନୀଳ ଶିଉଳୀର ଆସ୍ତରଣ ପଡିଯାଇ ଅପରିଷ୍କାର ହୋଇଯାଇଛି । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ପବିତ୍ର କୁଣ୍ଡର ଚାରିପାଖରେ ଅନନ୍ତ ବାସୁଦେବ ମନ୍ଦିର, ଗୁଆଝର ପୁଷ୍କରିଣୀ ଓ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଅବସ୍ଥିତ । ଏତଦ୍ ବ୍ୟତୀତ ରାତିରେ ଏହି ସ୍ଥାନ ପୁଅ ଓ ଝିଅମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଥିଲେ ମଧ୍ୟ ଏଥିପ୍ରତି କାହାର ଦୃଷ୍ଟି ପଡୁନି । ମନ୍ଦିର ପ୍ରଶାସନ କି ଜନସାଧାରଣ କେହି ଏହି ପବିତ୍ର କୁଣ୍ଡପ୍ରତି ନଜର ଦେଉନାହାଁନ୍ତି । ମନ୍ଦିର ପ୍ରଶାସନ ଏ ଦିଗରେ ଉଚିତ୍ ପଦକ୍ଷେପ ନିଅନ୍ତୁ ବୋଲି ଜନସାଧାରଣରେ ଦାବୀ ହେଉଛି । ମନ୍ଦିରମାଳିନୀ ସହର ଭୁବନେଶ୍ୱରର ପରିବେଶକୁ ସୁରକ୍ଷା ଯୋଗାଇ ଦେବା ସମସ୍ତଙ୍କ ଗୁରୁ ଦାୟିତ୍ୱ । କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ୍ୟ ବ୍ୟକ୍ତିବିଶେଷଙ୍କ ଯୋଗୁଁ ଏକ ବିଶ୍ୱବିଖ୍ୟାତ ମନ୍ଦିର କେଦାରଗୌରୀର ପରିବେଶ ଦୂଷିତ ହେଉଅଛି, ଏଥିପ୍ରତି କାହାର ନିଘା ନାହିଁ । କରୋନା ମହାମାରୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ନୀତିଶିକ୍ଷା ଦେଇଥିଲେ ମଧ୍ୟ ଏଭଳି କାର୍ଯ୍ୟ ଅତ୍ୟନ୍ତ ନିନ୍ଦନୀୟ ଓ ଦୁଃଖଦାୟକ । ମନ୍ଦିର କର୍ତ୍ତୃପକ୍ଷ ଏଥିପାଇଁ ନିତ୍ୟାନ୍ତ ଯତ୍ନବାନ ହେବା ଆବଶ୍ୟକ ବୋଲି ନାଗରିକ ସୂଚନା ଏବଂ ଆଇନ୍ ପ୍ରାଧିକରଣ କେନ୍ଦ୍ର , କଟକର ସଭ୍ୟ ଶ୍ରୀ ଦୀପକ କୁମାର ସାହୁ ଓ ଅନ୍ୟ ବୁଦ୍ଧିଜିବୀମାନେ ମତ ଦେଇଛନ୍ତି ।

# କେନ୍ଦୁଝର ଜିଲ୍ଲା ଓକିଲ ସଂଘ ନିର୍ବାଚନ: ସଭାପତି ଭାବେ ଆଶିଷ, ସମ୍ପାଦକ ଭାବେ ଆଲୋକ ପୁନଃନିର୍ବାଚିତ

କେନ୍ଦୁଝର (ପିଏନ୍): ରାଜ୍ୟରେ ଏକସଙ୍ଗେ ଅନୁଷ୍ଠିତ ହେଉଥିବା ସମସ୍ତ ଆଇନଜୀବି ସଂଘର ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ସଦର ମହକୁମାଠାରେ ଥିବା ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଶେଷ ହୋଇଛି । ଏଥିରେ ମୋଟ ୩୮୨ ଜଣ ସଦସ୍ୟଙ୍କ ମଧ୍ୟରୁ ୩୬୬ ଜଣ ମତଦାନ କରିଥିଲେ । ଗୁରୁତ୍ୱପୂର୍ଣ୍ଣ ସଭାପତି ପଦ ପାଇଁ ଆଶିଷ ଚକ୍ରବର୍ତ୍ତି ନିର୍ବାଚିତ ହୋଇଛନ୍ତି । ବିଜୟୀ ପ୍ରାର୍ଥୀ ଶ୍ରୀ ଚକ୍ରବର୍ତ୍ତି ୨୫୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅଶୋକ କୁମାର ଦାସ ୧୧୦ ଟି ଭୋଟ ପାଇଛନ୍ତି । ଉପସଭାପତି ପଦ ପାଇଁ ରବୀନ୍ଦ୍ର କୁମାର ସେଠୀ ନିର୍ବାଚିତ ହୋଇଥିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସେକ ଶାହାବୁଦ୍ଦିନ ପରାସ୍ତ ହୋଇଛନ୍ତି । ରବୀନ୍ଦ୍ର ୧୬୬ଟି ଭୋଟ ପାଇଥିବାବେଳେ ଶାହାବୁଦ୍ଦିନ ୧୬୫ ଟି ଭୋଟ ପାଇ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ରବୀନ୍ଦ୍ର ଜିତିଛନ୍ତି । ରୋଚକ କଥା ଯେ, ଗତ ନିର୍ବାଚନରେ ଶାହାବୁଦ୍ଦିନଙ୍କଠାରୁ ରବୀନ୍ଦ୍ର ଗୋଟିଏ ଭୋଟରେ ପରାଜିତ ହୋଇଥିବାବେଳେ ଏଥର ଗୋଟିଏ ଭୋଟରେ ରବୀନ୍ଦ୍ର ପୁରୁଣା ପ୍ରତିଦ୍ୱନ୍ଦୀ ଶାହାବୁଦ୍ଦିନଙ୍କୁ ହରାଇଛନ୍ତି । ସମ୍ପାଦକ ପାଇଁ ଆଲୋକ କୁମାର ମହାନ୍ତ ନିର୍ବାଚିତ ହୋଇଥିବାବେଳେ ସେ ୨୬୦ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିନୀତା ଦାଶ ୯୮ଭୋଟ ପାଇଛନ୍ତି । ଦୁଇଗୋଟି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସମ୍ବିତ କୁମାର ନାୟକ ୧୬୬ଟି ଏବଂ ଅନ୍ତର୍ଯ୍ୟାମୀ ସାହୁ ୧୫୦ଟି ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁନୀଲ କୁମାର ମହାନ୍ତ ୧୪୮ଟି ଭୋଟ ପାଇ ମାତ୍ର ୨ଟି ଭୋଟରେ ହାରି ଯାଇଛନ୍ତି । ୫ଗୋଟି କାର୍ଯ୍ୟକାରୀ ସଦସ୍ୟ ପାଇଁ ଅନୀଲ କୁମାର ନନ୍ଦ, ସନ୍ତୋଷ କୁମାର ଦାସ,ତାରିଣୀ ପ୍ରସାଦ ପୋଥାଲ,ବିଶ୍ୱରଂଜନ ସାହୁ, ହଳଧର ମହାନ୍ତ ବିଜୟଲାଭ କରିଛନ୍ତି । ଶନିବାର ସକାଳ ୮ଟାରୁ ଏହି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇ ଅପରାହ୍ନ ୪ଟାରେ ଗଣତି ଆରମ୍ଭ ହୋଇଥିଲା । ସଂଧ୍ୟା ୭ଟା ସୁଦ୍ଧା ଗଣତି ଶେଷ ହୋଇଥିଲା । ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ପରିଡା ଓ ସହ ନିର୍ବାଚନ ଅଧିକାରୀ ଜ୍ଞାନେନ୍ଦ୍ରନାଥ ଜେନା,ଅଜୟ ନାଥ, ଦେବାଶିଷ ରଣା, ହିମାଂଶୁ ମହାନ୍ତି, ନିର୍ମଳ ବଳ, କରୁଣାକର ବ୍ରହ୍ମ ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିଥିଲେ । କରୋନା କଟକଣା ପାଇଁ ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ସହ ବୁଥ ମଧ୍ୟକୁ ମୋବାଇଲ ଫୋନ, ପ୍ରାର୍ଥୀମାନେ କୌଣସି ଫ୍ଲେକ୍ସ, ବ୍ୟାନର ଲଗାଇ ନଥିବାବେଳେ ସଦସ୍ୟମାନେ ବାର ଆସୋସିଏସନ ପ୍ରଦତ୍ତ ପରିଚୟ ପତ୍ର ଦେଖାଇ ଭୋଟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଗତ ଡିସେମ୍ବର ୧୨ ତାରିଖରେ ଏହି ଓକିଲ ସଂଘ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଆଶିଷ ଚକ୍ରବର୍ତ୍ତୀ ସଭାପତି ଏବଂ ଆଲୋକ ମହାନ୍ତ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ନବନିର୍ବାଚିତ କର୍ମକର୍ତ୍ତାମାନେ ଆସନ୍ତା ଏକବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଜଣାପଡିଛି ।


# ହରିଚନ୍ଦନପୁର ବ୍ଲକ ମଣ୍ଡଳ ବିଜେପିର କାର୍ଯ୍ୟକାରିଣୀ ବୈଠକ

ହରିଚନ୍ଦନପୁର (ପିଏନ୍): ହରିଚନ୍ଦନପୁର ବ୍ଲକ ମଣ୍ଡଳ ପକ୍ଷରୁ କାଦୁଅଡିହା ଆଇଟିଆଇ ହଲ୍ ଠାରେ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଜୟକୃଷ୍ଣ ମହା'ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦଳକୁ ମଜଭୁତ କରିବାକୁ ହେଲେ ତୃଣମୂଳ ସ୍ତରରୁ କାର୍ଯ୍ୟକର୍ତ୍ତା ମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି କହିଥିଲେ । ମୋଦିଙ୍କ ଲୋକାଭିମୁଖି ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ । ହରିଚନ୍ଦନପୁର ବ୍ଲକ ତଥା ତେଲକୋଇ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାୟସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚୁର ଅର୍ଥ ପ୍ରଦାନ କରୁଥିବା ବେଳେ ରାଜ୍ୟ ସରକାର ନିଜ ନାଁରେ ଯୋଜନା କରି ବାହାବା ନେଉଛନ୍ତି । ଅର୍ଥକୁ ହରିଲୁଟ୍ କରିବା ପାଇଁ ପ୍ରଶାସନ ନିଜ ହାତରେ ରଖି ବାଧକ ସାଜୁଛି । ମୋଦିଙ୍କ ନୂଆ ଭାରତ ସ୍ୱପ୍ନ ସାକାର କରିବାକୁ ହେଲେ ଗରିବ ଆଦିବାସୀ ଲୋକଙ୍କ ପାଖରେ ଆମକୁ ପହଂଚିବାକୁ ପଡିବ ବୋଲି ଶ୍ରୀ ସିଦ୍ଧୁ କହିଥିଲେ । ଏଥିପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନର ବର୍ଷକୁ ପଂଚାୟତକୁ ଜନସଂଖ୍ୟା ଅନୁପାତ ଆଧାରରେ ୨୦ଲକ୍ଷରୁ କୋଟିଏ ପର୍ଯ୍ୟ' ଅର୍ଥ ବ୍ୟୟବରାଦ କରାଯାଉଛି । ଏହି ଅର୍ଥ ସିଧା ସଳଖ ପଂଚାୟତ ସରପଂଚ ପଂଚାୟତର ବିକାଶ ପାଇଁ ପଂଚାୟତ ରାସ୍ତା, ଶ୍ମଶାନ ଗୃହ, ଆଲୋକୀକରଣ, ସ୍ୱଚ୍ଛ ଭାରତ ପାଇଁ ଖର୍ଚ୍ଚ ହେବା କଥା ମାତ୍ର ରାଜ୍ୟ ସରକାର ନିୟମକୁ ବଦଳାଇ ଏହିସବୁ କାମ ସରପଂଚ ବଦଳରେ ଯନ୍ତ୍ରୀଙ୍କ ଦ୍ୱାରା ୱାର୍କ ଅର୍ଡର ମାଧ୍ୟମରେ କରାଉଛନ୍ତି ଫଳରେ ସରପଂଚ ମାନଙ୍କ କ୍ଷମତା ସଙ୍କୁଚିତ ହେବା ସହ ଅର୍ଥ ହରିଲୁଟ୍ କରି ରାଜ୍ୟ ସରକାର ଦଳୀୟ ପାଣ୍ଠି ବଦଳାଇବାରେ ଲାଗି ପଡିଥିବା ଶ୍ରୀ ସିଦ୍ଧୁ କହିଛନ୍ତି । ବୈଠକରେ ରାଜନୈତିକ ଚିଠା ପ୍ରସ୍ତାବକୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଭିମନ୍ୟୁ ସାହୁ ପାରିତ କରିଥିଲେ । ଏହି ବୈଠକରେ ଜିଲ୍ଲାର ପଦାଧିକାରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନ' ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅରମ ସିଂ, ଜିଲ୍ଲା କାର୍ଯ୍ୟାଳୟ ସହସମ୍ପାଦକ ଜୟଦେବ ଗିରି, ବିଜେପିର ଦୁଇ ପ୍ରଚାରକ ଇଂ ହିମାଦ୍ରୀ ଦାସ ଓ ଗଣେଶ ମହାକୁଡ, ପୂର୍ବତନ ମଣ୍ଡଳ ସଭାପତି ଶିରିଶ କୁମାର ସାହୁ, ନିର୍ବାଚନ ମଣ୍ଡଳୀ ମିଡିଆ ପ୍ରମୁଖ ଅଭୟ ରଥ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଘାସିନାଥ ପାଇକରାୟ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଦୀପ ପଣ୍ଡା, ଚତୁର୍ଭୁଜ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ସୁଶା' ମହା', ପ୍ରତାପରୁଦ୍ର ସାହୁ, ଆଇଟି ସେଲ୍ ପ୍ରମୁଖ କ୍ଷେତ୍ରବାସୀ ମହା', ବ୍ରାହ୍ମଣୀପାଳ ମଣ୍ଡଳ ସଭାପତି କୃଷିକେଶ ମହା', ମାନୁ ସାହୁ, ରମା ସାହୁଙ୍କ ସହ ମଣ୍ଡଳର ସମସ୍ତ ପଦାଧିକାରୀ ତଥା ସମସ୍ତ ମୋର୍ଚ୍ଚା ସଭାପତି, ସମସ୍ତ ପଂଚାୟତ ପ୍ରମୁଖ ଏବଂ ହରିଚନ୍ଦନପୁର ମଣ୍ଡଳର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ

ସ୍ୱଦେଶାନୁରାଗ ପ୍ରଣୋଦିତ ସର୍ବୋତ୍ତମ ଅଭିଳାଷ ସଚେଷ୍ଟ ଭାଷା ଓ ସଂସ୍କୃତିର ସମାବେଶରେ ଏକ ସାଂସ୍କୃତିକ ସଂହତି ପ୍ରତିଷ୍ଠା କରିବାର ଆକାଂକ୍ଷା ହିଁ ଜାତିୟତାବାଦ । ଜାତିପ୍ରୀତି, ସ୍ୱଦେଶପ୍ରେମ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ରହିତ ଗୋଟିଏ ଜାତିର ସର୍ବବିଧ ବିକାଶ ପାଇଁ ଅନୁବଂଧିତ ପ୍ରେରଣା ହିଁ ଜାତୀୟତାବାଦ । ଜାତିର ଉନ୍ନତି କରିବା ଜାତିୟ ସଂସ୍କୃତି, ସାହିତ୍ୟ, କଳା, ଐତିହ୍ୟ ଇତ୍ୟାଦିକୁ ରକ୍ଷା କରିବା, ସହିତ ଜାତିର ସାମାଜିକ, ଅର୍ଥନୈତିକ ଉନ୍ନତି ସହିତ ତାହାର ସାର୍ବଭୌମ ଭୌଗଳିକ ଅଖଣ୍ଡତା ଓ ଐକ୍ୟ ଏବଂ ସଂହତି ବଜାୟ ରଖିବା ସ୍ୱଦେଶାନୁରାଗ ବା ଜାତୀୟତା ବାଦର ମୂଳମନ୍ତ୍ର ।

ଓଡିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବଙ୍କ ପରେ ୧୫୬୮ ମସିହାରେ ଓଡିଶା ଆଫଗାନ୍ ଶାସନାୟତ୍ତ ହେଲା । ଏବଂ ପର୍ଯ୍ୟାୟ କ୍ରମେ ଏହା ମୋଗଲ, ମରହଟ୍ଟା ଓ ଅଂରେଜ ଶାସନାଧିନ ହୋଇ ପରାଧିନ ଥିବାବେଳେ ବଙ୍ଗ ବିହାର ଓ ମଧ୍ୟ ପ୍ରଦେଶରେ ଖଣ୍ଡ ବିଖଣ୍ଡିତ ହୋଇ ନିଜସ୍ୱ ସତ୍ତା ଓ ଅଖଣ୍ଡତା ହରାଇ ବସିଥିଲା ଓଡିଶାର ବିଶାଳ ଭୁଖଣ୍ଡ । ୧୫୬୮ରୁ ୧୯୩୬ ଅର୍ଥାତ୍ ୩୬୮ ବର୍ଷ ପରେ ସୁଦୀର୍ଘ ସୂର୍ଯ୍ୟତୃଷ୍ଣା ଏବଂ ସଂଘର୍ଷମୟ କ୍ରାନ୍ତିର ଉତୀର୍ଣ୍ଣ ଉଚ୍ଛ୍ୱାସରୁ ୧୯୩୬ ଏପ୍ରିଲ ପହିଲାରେ ୬ଟି ଜିଲ୍ଲାକୁ ନେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଆଦେଶନାମା ପ୍ରକାଶ ପାଇଲା । ଏହାର ୧୧ବର୍ଷ ପରେ ଅର୍ଥାତ୍ ୧୯୪୭ରେ ଗଡଜାତ ଅଞ୍ଚଳର ମିଶ୍ରଣ ଉତ୍ତାରୁ ଓଡିଶାର କାୟା ବିସ୍ତାର ଘଟିଥିଲା, ଯଦିଓ ୩୦ ଲକ୍ଷ୍ୟରୁ ଉର୍ଦ୍ଧ୍ୱ ସୀମାନ୍ତବର୍ତ୍ତୀ ଓଡିଆ ବିଚ୍ଛିନ୍ନାଞ୍ଚଳରେ ନିର୍ବାସିତ ହୋଇ ରହିଗଲେ । ୧୫୬୮ରୁ ୧୯୪୭ ଏହି ଦୀର୍ଘ ୩୭୯ ବର୍ଷ ମଧ୍ୟରେ ଉତ୍କଳୀୟ ସ୍ୱଦେଶାନୁରାଗ ଚେତନାକୁ ଉତ୍କଳ ଭାରତୀଙ୍କର ଯେଉଁ ସାରସ୍ୱତ ସାଧକ ଓ ବାଂଗ୍ମୀବରପୁତ୍ର ଆପଣାର କବିତ୍ୱମୟ ପ୍ରାଣର ସ୍ୱତଃ ସ୍ଫୁର୍ତ୍ତ ଭାଷାରେ ଅଭିମଂତ୍ରିତ କରିବା ସଙ୍ଗେ ସଙ୍ଗେ ଓଡିଶାର ଜନଚେତନାକୁ 'ଉର୍ଜ୍ଜାଘର' (Power House) ରୂପେ ପ୍ରେରଣା ଓ ଉଦ୍ଦୀପନାରେ ଅନୁପ୍ରାଣିତ କରିବାରେ ଅନୁବଂଧିତ ଥିଲେ; ଉପରୋକ୍ତ ଦୀର୍ଘ ୩୭୯ ବର୍ଷ ଧରି ସେମାନେ ସ୍ୱତନ୍ତ୍ର ଉତ୍କଳପ୍ରଦେଶର ଉତ୍ତର ଦାୟାଦ ରୂପେ ଆମ ସମଷ୍ଟିଙ୍କର ଚିରନମସ୍ୟ ଓ ବରେଣ୍ୟ । ୮୫ତମ ଉତ୍କଳ ଦିବସର ଏହି ମହାର୍ଘ୍ୟ ଅବସରରେ ସେମାନଙ୍କ ଉଦ୍ଦେଶ୍ୟରେ ଏହି ସଶ୍ରଦ୍ଧ ସ୍ମୃତିତର୍ପଣ ଓ ଶ୍ରଦ୍ଧା ସୁମନର କୁସୁମାଞ୍ଜଳୀ !





**ଉତ୍କଳ ଗୌରବ ମଧୁସୂଦନ ଦାସ:** ପ୍ରଚଣ୍ଡ ପ୍ରତିଭାଧାରୀ, ଜାତିପ୍ରାଣ ଯେ କି ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାର ମୁଖ୍ୟ ଭୂମିକା ନେଇ ଉନବିଂଶ ଶତାବ୍ଦୀର ଘନ ଅନ୍ଧକାରରୁ (ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ) 'ଶତାବ୍ଦୀର ସୂର୍ଯ୍ୟ' ପରି ଆଲୋକର ପଥ ଦେଖାଇଥିଲେ । ସେ ଥିଲେ ଆଧୁନିକ ଉତ୍କଳର ସ୍ୱପ୍ନ ଦ୍ରଷ୍ଟା ଓ ସ୍ଥପତି । 'ସେ ବି ଥିଲେ ଭାରତର ଗର୍ବ' । ଗାନ୍ଧିଜୀଙ୍କ ପରିଭାଷାରେ ମଧୁସୂଦନ ମୋ ଗୁରୁ, ମହର୍ଷୀ ଅରବିନ୍ଦଙ୍କ ଭାଷାରେ ସେ ଥିଲେ ନେତୃତ୍ୱର ଶିଖର ପୁରୁଷ, ନେହୁରଙ୍କ ଦୃଷ୍ଟିରେ ସେ ଥିଲେ ଜନବାଦୀ ମହାନ ନେତା, ସାର ରାମ୍‌ସେଙ୍କ ଭାଷାରେ ସେ ଓଡିଶାର ଅଦ୍ୱିତୀୟ ମୁକୁଟ ବିହିନ ସମ୍ରାଟ । ତାଙ୍କ ରଚିତ କବିତା ମଧ୍ୟରେ ସେ ଏ ଜାତିକୁ ପୁର୍ନବାର ଅଭିମନ୍ତ୍ରିତ ହେବା ପାଇଁ ପ୍ରଚେଷ୍ଟା କରି ସେ ଉଦାତ୍ତ ଆହ୍ୱାନ ଦେଇଥିଲେ :-

*"ତୁ ପରା ବୋଲାଉ ଉତ୍କଳ ସନ୍ତାନ*
*ତେବେ କିମ୍ପା ତୁହି ଭୀରୁ,*
*ତୋହର ଜନନୀ ରୋଦନ କରିଲେ*
*କହିବାକୁ କିମ୍ପା ଡରୁ ?"*

ଯେଉଁମାନେ କେବଳ ବାକ୍‌ପଟୁତାରେ ହିଁ ଆକାଶ ପର୍ଯ୍ୟନ୍ତ ସ୍ୱହସ୍ତ ଲମ୍ବାଇ ଦେଇପାରନ୍ତି । ମାତ୍ର କବି ଓ ବାଗ୍ମୀ ମଧୁବାବୁ ଅନୁଭବ କରିଛନ୍ତି ଉତ୍କଳ ଜନନୀ ପରାଧୀନତା ରୂପକ ଅନ୍ଧକାର ମଧ୍ୟରେ ଦୀର୍ଘ ଦିନ ଧରି ରୋଦନ କରୁଛି । ଅସଂଖ୍ୟ କର୍ମବୀରମାନଙ୍କୁ ସେ ନିଜର ଗର୍ଭରେ ଧାରଣ କରିଥିଲେ ହେଁ ସେମାନେ ଜନନୀର ଏପରି ଅସହାୟ ଅବସ୍ଥାରେ ତାକୁ ବାଚନିକ ଆଶ୍ୱାସନା ଓ ସାନ୍ତ୍ୱନା ଦେବା ପରିବର୍ତ୍ତେ ନିଜ ନିଜ ସ୍ୱାର୍ଥରେ ମସଗୁଲ ହୋଇଛନ୍ତି । ତେଣୁ ସେ ତାଙ୍କ ସନ୍ତାନର ଉକ୍ତି କବିତାରେ ଓଡ଼ିଆମାନଙ୍କ ହୃଦୟରେ ଜାତୀୟତା ଭାବ ଉଦ୍ରେଖ କରିବା ପାଇଁ କହିଛନ୍ତି-

*"ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କର*
*ସ୍ୱାର୍ଥକୁ ଦିଅ ଆହୁତି,*
*ସ୍ୱାର୍ଥମେଧ ଯଜ୍ଞେ ଚାରିଆଡେ ନାଚ*
*ଛାତିକୁ ମିଶାଇ ଛାତି ।"*






**ପଣ୍ଡିତ ଗୋପବନ୍ଧୁ ଦାସ:** ସେହିପରି ଅନନ୍ୟ ସାଧକ ପଣ୍ଡିତ ଗୋପବନ୍ଧୁ ଦାସ ଦୁଃଖ, ଦୈନ୍ୟ, ବନ୍ୟା ମରୁଡି, ବାତ୍ୟାରେ ସଢୁଥିବା ଗରିବ ମଣିଷର ସେବା କିପରି କରାଯାଇପାରେ ତା'ର ସେ ଥିଲେ ଜ୍ୱଳନ୍ତ ଉଦାହରଣ । ନିଜର ବ୍ୟକ୍ତିଗତ ସୁଖ, ସ୍ୱାସ୍ଥ୍ୟ ପ୍ରତି ନଜର ନଦେଇ ଜାତିର ସେବାରେ ଅମ୍ଳାନ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ସେବାର ସେ ଥିଲେ ଅନନ୍ୟ ପ୍ରତୀକ । ସେଥିରେ ସ୍ୱତନ୍ତ୍ରର ଉତ୍କଳ ପ୍ରଦେଶ ଅଭିଯାନର ଅବକାଶ ବିଧାଣୀ । ସେ ଥିଲେ ତ୍ୟାଗଦୀପ୍ତ ଐତିହ୍ୟର ଅତୁଳ ବିଧାଣୀ, ତାଙ୍କ ସ୍ୱପର ଉତ୍କଳ ସଂପର୍କରେ ସେ କହୁଥିଲେ:-

*"ଜଗତ ସରସେ ଭାରତ କମଳ*
*ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ:*
*ଥିଲେ ଯହିଁ ମୁଁ ଭାରତ ବକ୍ଷରେ*
*ମଣିବି ମୁଁ ଅଛି ଆପଣ କକ୍ଷରେ ।"*


ପ୍ରକୃତପକ୍ଷେ ଉତ୍କଳ ସଂପ୍ରୀତିରେ ପ୍ରବୁଦ୍ଧ ତାଙ୍କର ସ୍ୱଦେଶ ଅନୁରାଗ ମହାଭାରତୀୟ ଚେତନାରୁ ପୃଥକ ନଥିଲା । ପୁଣ୍ୟାତ୍ମା ଗୋପବନ୍ଧୁ ଥିଲେ ଜଣେ ସଚ୍ଚା ଦେଶପ୍ରେମୀ । ଭାରତର ପ୍ରତି ସ୍ଥାନ ଥିଲା ତାଙ୍କର ଅତିପ୍ରିୟ । ଏ ଦେଶର ପାହାଡ ପର୍ବତ, ପଥର, ଶିଳା, ମାଟି ବାଲି ଥିଲା ତାଙ୍କ ଦୃଷ୍ଟିରେ ପରମ ପୂଜ୍ୟ ଶାଳଗ୍ରାମ ସଦୃଶ । ପ୍ରବାହିତ ନଦୀର ଜଳ ଥିଲା ତାଙ୍କ ପାଇଁ ପବିତ୍ର ପଞ୍ଚତୀର୍ଥର ଜଳ । ଭାରତର ପ୍ରତ୍ୟେକ ବୃକ୍ଷ ମହାବୃକ୍ଷ କଳ୍ପବଟ ସଦୃଶ । ସବୁଠି ଜଗତର ନାଥ ଜଗନ୍ନାଥ ତାଙ୍କ ଜ୍ଞାନ ଚକ୍ଷୁରେ ହୋଇ ଉଠିଛନ୍ତି ପ୍ରକଟିତ । ତେଣୁ ସେ ଲେଖିଅଛନ୍ତି :

*"ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ*
*ପ୍ରତିସ୍ଥାନ ମୋର ପ୍ରିୟ ପୁରୀ ଧାମ :*
*ସକଳ ସଲିଳ ପଞ୍ଚତୀର୍ଥ ଜଳ*
*ପ୍ରତି ଧର୍ମାଳୟ ମୋର ନୀଳାଚଳ ।*
*ଭାରତର ପ୍ରତି ବୃକ୍ଷ କଳ୍ପବଟ*
*ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ ।"*


ଉତ୍କଳୀୟ ତାର ମହାମାନ୍ତ୍ରିକ କବି ଗୋପବନ୍ଧୁଙ୍କ ପ୍ରାର୍ଥନା ଓ ପାଥେୟ ଥିଲା :-

*"ଉତ୍କଳ ତନୟେ ଦିଅ ନବ ବଳ*
*ଉତ୍କଳ ପାଦପେ ରସମୟ ଫଳ ।*
*ଉତ୍କଳ ସରିତେ ପବିତ୍ର ଜୀବନ,*
*ଉତ୍କଳ କାନନେ ସ୍ୱର୍ଗୀୟ ସୁମନ ।*
*ଉତ୍କଳ ଆକାଶେ ନବ ଯଶଃ ରବି,*
*ଉତ୍କଳ ପ୍ରକୃତି ଧରୁ ନବ ଛବି ।"*

ସେ ସର୍ବଦା କହୁଥିଲେ :- ଆମ ପରିଚୟ: ଆମେ ଉତ୍କଳୀୟ : ଉତ୍କଳ ଆମର ପ୍ରାଣାଧିକ ପ୍ରିୟ । ଜାତୀୟତାର ମହାମନ୍ତ୍ରରେ ପ୍ରତି ଓଡିଆକୁ ସେ ଏପରି ଭାବେ ଅଭିମନ୍ତ୍ରିତ କରିଥିଲେ ।





**ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି:** ଉତ୍କଳ ପ୍ରୀତିର ଆଉଜଣେ ଅନନ୍ୟ ସାଧକ ଥିଲେ ଜାତିପ୍ରାଣ ମହାରାଜା କୃଷ୍ଣଚନ୍ଦ୍ର ଗଜପତି । ଜଣେ ଶାସକ କିପରି ଦକ୍ଷ ହୋଇପାରେ, ନିଜର ପ୍ରଜାମାନଙ୍କର ଉନ୍ନତି ଶାସକର କିପରି ଧ୍ୟେୟ ହୋଇପାରେ ଆଉ ଶାସକ ମଧ୍ୟ ନିଜ ଜାତିର, ମାତୃଭାଷାର କିପରି ରକ୍ଷା କରିପାରେ ତା'ର ବିମୂର୍ତ୍ତ ପ୍ରତୀକ ହେଉଛନ୍ତି କୃଷ୍ଣଚନ୍ଦ୍ର ଗଜପତି । ଓଡିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ସହ ସଂଯୋଗ ମଣିକାଞ୍ଚନ୍ ସଦୃଶ ଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଅବଦାନ ଚିରସ୍ମରଣୀୟ ।



**ଉତ୍କଳହିତୈଷୀ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ:** ସେହିପରି ଉତ୍କଳ ହିତୈଷୀ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଅନନ୍ୟ ଉଦାହରଣ । ଆଜିର ଗଣତନ୍ତ୍ରର ପୂଜାରୀ ବୋଲାଉଥିବା ଶାସନମୁଖ୍ୟମାନେ ଯେତେବେଳେ ସାମନ୍ତବାଦୀ ପରି ବ୍ୟବହାର କରୁଛନ୍ତି । ସେତେବେଳେ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାମନ୍ତବାଦୀର ଶାସନ ଚାଲିଥିବା ବେଳେ ଜଣେ ମହାରାଜା କିପରି ଗଣତାନ୍ତ୍ରିକ ରୀତିରେ ଶାସନ କରି ପ୍ରଜାପାଳନ କରୁଥିଲେ ତାର ମହାର୍ଘ୍ୟ ଉଦାହରଣ ହେଲେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ । ପୁରୁଷୋତ୍ତମ ଶ୍ରୀରାମଙ୍କ ଶାସନ ସହିତ ତାଙ୍କ ଶାସନକୁ ତୁଳନା କରିବା ଅସମୀଚୀନ ହେବ ନାହିଁ । ତାଙ୍କର ଦମ୍ଭୋକ୍ତି ଥିଲେ-"ଯେଉଁମାନେ ଉତ୍କଳର ସ୍ଥାୟୀ ଅଧିବାସୀ ହୋଇଛନ୍ତି, ଅର୍ଥାତ୍ ଯେଉଁମାନେ ଉତ୍କଳକୁ ସେମାନଙ୍କର ଗୃହ ମନେକରି ଅଛନ୍ତି, ସେମାନେ ଭିନ୍ନ ଜାତୀୟ ହେଲେ ସୁଦ୍ଧା ଆମର ସହୋଦର ଓ ସେମାନଙ୍କୁ ଉତ୍କଳୀୟ ବୋଲି ଗଣନା କରାଯିବ ।" ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କର ଭାଷା ଓ ସାହିତ୍ୟ ପ୍ରେମ ଥିଲା ଅତୁଳନୀୟ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ତାଙ୍କରି ସଭାପତିତ୍ୱରେ ୧୯୦୩ ମସିହାରେ କଟକର ଇଦ୍‌ଗା ପଡିଆରେ ଅନୁଷ୍ଠିତ ହୋଇଥିଲା । ମୟୁରଭଞ୍ଜ ମହାରାଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଉତ୍କଳ ସମ୍ମିଳନୀରେ ନିମ୍ନୋକ୍ତ ପ୍ରସ୍ତାବ ଗୃହୀତ ହୋଇ ଏହି ସମ୍ମିଳନୀର ନାମ ଉତ୍କଳ ସମ୍ମିଳନୀ ରଖାଯାଇଥିଲା ଏବଂ ଯେଉଁମାନେ ଉତ୍କଳକୁ ଆସି ଓଡ଼ିଶାକୁ ଆପଣାର ମାତୃଭୂମି ସ୍ୱରୂପ ଗ୍ରହଣ ଏବଂ ସ୍ୱୀକାର କରୁଅଛନ୍ତି ଓ ଓଡ଼ିଆମାନଙ୍କର ହିତ ସାଧନାକୁ ସ୍ୱଜାତିର କର୍ତ୍ତବ୍ୟ କର୍ମ ବୋଲି ମନେ କରୁଛନ୍ତି, ସେମାନଙ୍କୁ ଅନୁରୂପ ଭାବେ ଆମ୍ଭେମାନେ ଉତ୍କଳୀୟ ଭାବିବା ଦରକାର ।






**ବ୍ୟାସକବି ଫକୀର ମୋହନ ସେନାପତି:** ଜାତି, ପ୍ରେମ, ବହ୍ନିକୁ ଅଧିକ ଶାଣିତ କରିବାରେ ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ଚିର ନମସ୍ୟ । ଯେତେବେଳେ ପଡ଼ୋଶୀ ବଙ୍ଗାଳୀମାନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନଏ କହି ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିଦେବାକୁ ବସିଥିବା ବେଳେ ଆଧୁନିକ ଓଡ଼ିଆ ସାହିତ୍ୟର ମହାମାନ୍ତ୍ରିକ ସେନାପତି ନିଜର ବଳିଷ୍ଠ ଲେଖନୀ ଚାଳନା କରି ଓଡ଼ିଆ ଭାଷାକୁ ବଂଚାଇ ଥିଲେ । ତାଙ୍କର କାବ୍ୟୋକ୍ତି ଥିଲା ଏକ ଜାଗୃତିର ମହାମନ୍ତ୍ର । ନିଜ ମାତୃଭୂମି ସଂପର୍କରେ ତାଙ୍କର ଅଭିବ୍ୟକ୍ତି ଥିଲା - *"ଦେଖିଲି ବୁଲି ବହୁଦୂର, କାଞ୍ଚି କାମାକ୍ଷା କାନପୁର/ପାଇଲି ନାହିଁ ଘୂରି ଘୂରି ମୋ ମାତୃଭୂମିର ମାଧୁରୀ ।"*

*"ପଢିଲି ନାନା ଦେଶ ଭାଷା,*
*କାହିଁ ତ ନ ପୂରିଲା ଆଶା ।*
*ହେଉ ପଛକେ ସେ ନିକୃଷ୍ଟ,*
*ମୋ ମାତୃଭାଷା ମୋତେ ଶ୍ରେଷ୍ଠ ।"*

**ଡଃ ହରେକୃଷ୍ଣ ମହତାବ:** ସେହିପରି ନିଜ ମାତୃଭୂମି ଉତ୍କଳକୁ ଭଲ ପାଇଥିବା ଆଉ ଜଣେ ଅନନ୍ୟ କାଣ୍ଡାରି ଥିଲେ ଡ. ହରେକୃଷ୍ଣ ମହତାବ । ସ୍ୱାଧୀନୋତ୍ତର ଓଡିଶାର ନବନିର୍ମାଣର ମହାଯୁଦ୍ଧରେ ହରେକୃଷ୍ଣ ମହତାବ ହେଉଛନ୍ତି, ମହାଭାରତ ଯୁଗର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ପରି । ସେ କେବଳ ରାଜନୈତିକ ନେତା ନଥିଲେ, ସେ ଥିଲେ ସ୍ୱାଧୀନୋତ୍ତର ଓଡିଶାର ରାଜନୀତି, ଶିକ୍ଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, କ୍ରୀଡା, ନୃତ୍ୟ, କଳା ଆଦି ବିଭାଗକୁ ଯେଉଁମାନେ ପ୍ରଭାବିତ କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କର ସେ ଥିଲେ ଗୁରୁ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ରୂପାୟନ ଥିଲା ତାଙ୍କର ସ୍ୱପ୍ନ ଓ ସୂର୍ଯ୍ୟ ତୃଷ୍ଣା । ୧୯୩୬ ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ପରିଚୟ ପାଇଲା, ମାତ୍ର ୧୯୪୮ ଜାନୁଆରୀ ପହିଲାରେ ଜନ୍ମ ନେଲା ପୂର୍ଣ୍ଣାଙ୍ଗ ଓଡିଶା । ବୃହତ୍ତର ନୂତନ ଓଡିଶା ଦୀର୍ଘଦିନ ଧରି ବିଚ୍ଛିନ୍ନ ହୋଇ ରହିଥିବା ଗଡଜାତ ରାଜ୍ୟ ସମୂହ ଡକ୍ଟର ମହତାବଙ୍କ କ୍ରାନ୍ତିକାରୀ ପଦକ୍ଷେପ ହେତୁ ମିଳିତ ହୋଇଥିଲା ଓଡିଶା ସହିତ । ଏହିପରି ଭାବେ ଓଡ଼ିଆ ଜାତିକୁ ବିଶ୍ୱାଭିମୁଖୀ କରିବାର ଚେତନା ଆଜିଠାରୁ ଶହେ ବର୍ଷ ପୂର୍ବେ ଭକ୍ତିକବି ମଧୁସୂଦନ ରାଓ କରିଥିଲେ । ଏହି ବ୍ରାହ୍ମ ଧର୍ମୀ କବି ହିନ୍ଦୁ ଧର୍ମର ଦେବାଦେବୀ କୀର୍ତ୍ତି ସବୁର ପ୍ରଶଂସା ମୁଖର ହୋଇ ଉତ୍କଳ ସନ୍ତାନଗଣକୁ ଅତୀତର ଗୌରବ କାହାଣୀ ଶୁଣାଇଛନ୍ତି । ସେହିପରି କାନ୍ତକବିଙ୍କ କାଳଜୟୀ ଗୀତି ଆବାହନି ବନ୍ଦେ ଉତ୍କଳ ଜନନୀ ଆଜି ୧୧୩ ବର୍ଷରେ କାନ୍ତକବିଙ୍କୁ ଚିର ଅମର କରିରଖିଛି । ଓଡ଼ିଆ ଜାତି ଆଜି ତାଙ୍କ ନିକଟରେ ଋଣୀ ହୋଇଯାଇଛି । ତାଙ୍କର ଏହି ଉଦ୍‌ବୋଧନ ଆମ ପାଇଁ ଧ୍ୟେୟ ହେଉ । ଓଡ଼ିଶାବାସୀ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ହୁଅନ୍ତୁ । ଏହିଭଳି ଅଭିଳାଷା ୮୫ତମ ଉତ୍କଳ ଦିବସର ଏହି ମହାନ୍ ମହାର୍ଘ ତିଥିରେ । କିମଧିକମ୍...




## ସ୍ୱର୍ଗତଃ ମୋହନ ଚରଣ ପୃଷ୍ଟିଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଯାଜପୁର (ପିଏନ୍): ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଆହ୍ୱାନ ଆନୁକୁଲ୍ୟରେ ଆହ୍ୱାନ କାର୍ଯ୍ୟାଳୟଠାରେ ଉପସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ମୋହନ ଚରଣ ପୃଷ୍ଟିଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଅଛି। ଉକ୍ତ ଶୋକସଭାରେ ଆହ୍ୱାନର ସମ୍ପାଦକ ବିଶ୍ୱଜିତ୍ ସାହୁ ଯୋଗଦେଇ ସ୍ୱର୍ଗତଃ ପୃଷ୍ଟି ଜଣେ ସରଳ, ଅମାୟିକ ଓ କଳାକୁ ଭଲପାଉଥିବା ଏକ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସଭ୍ୟ ଜୟଦେବ ରାଉତ ଯୋଗଦେଇ ସ୍ୱର୍ଗତଃ ପୃଷ୍ଟି ଜଣେ ସ୍ୱାଭିମାନୀ ବ୍ୟକ୍ତି ଯାହାଫଳରେ ସମସ୍ତ ଦୁଃଖକଷ୍ଟକୁ ଛାତିରେ ଚପି ରଖି ତାଙ୍କର ଦିବ୍ୟାଙ୍ଗ ଅକ୍ଷମ ଦୁଇପୁତ୍ରଙ୍କୁ ମନରେ ଓ ପରିବାରରେ ହସଖୁସି ପ୍ରଦାନ କରୁଥିଲେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ କହିଥିଲେ ସ୍ୱର୍ଗତଃ ପୃଷ୍ଟି ଜଣେ ବଡଲୋକ ନହୋଇ ଭଲ ଲୋକ ହୋଇ ଚାଲିଗଲେ। ଉକ୍ତ ସଭାରେ ସୁଭ୍ରଜିତ୍ ସାହୁ, ରତିକାନ୍ତ ମଲ୍ଲିକ, ସତ୍ୟଜିତ୍ ସାହୁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଏଥିସହିତ ସ୍ୱର୍ଗତଃ ପୃଷ୍ଟିଙ୍କ ଫଟୋଚିତ୍ରରେ ଉପସ୍ଥିତ ସମସ୍ତ ବ୍ୟକ୍ତି ଶ୍ରଦ୍ଧାସୁମନ ପୁଷ୍ପ ଅର୍ପଣ କରିଥିଲେ। ସର୍ବଶେଷରେ ତାଙ୍କର ନାଟ୍ୟକାର ପୁତ୍ର ସହସମ୍ପାଦକ ଅକ୍ଷୟ ଚରଣ ପୃଷ୍ଟି ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

## ସରକାରଙ୍କ ବସୁନ୍ଧରା ଯୋଜନା ବାଟବଣା, ଭଙ୍ଗା ଦଦରା କୁଡିଆରେ ପଡିରହିଛନ୍ତି ପାଣ୍ଡୁଙ୍କ ୬ ପ୍ରାଣୀ କୁଟୁମ୍ବ



କେନ୍ଦୁଝର (ପିଏନ୍): ଭାରତ ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ଗରିବ ଲୋକଙ୍କ ପାଇଁ ମାଳ ମାଳ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। କିନ୍ତୁ ସବୁ ଯୋଜନା ଏଠାରେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ଓଡିଶାର ଭାତ ହାଣ୍ଡି ବୋଲାଉ ଥିବା କେନ୍ଦୁଝର ଜିଲ୍ଲାରେ ଅନେକ ଯୋଜନା ପ୍ରକୃତ ହିତାଧିକାରୀଙ୍କ ପାଇଁ ପାଲଟିଛି ଆକାଶ କଇଆଁ ଚିଲିକା ମାଛ ସଦୃଶ ଧୂଆଁରେ ପରିଣତ ହେଉଥିବା ଜଣାପଡିଛି। ସରକାରଙ୍କ ତରଫରୁ ଗରିବ ଲୋକଙ୍କ ପାଇଁ ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ଯୋଜନା, ବସୁନ୍ଧରା ଯୋଜନା ଏମିତି ଅନେକ ପ୍ରକାରର ଯୋଜନା ରହିଥିବା ବେଳେ ଏଠାରେ ସବୁ ଯୋଜନା କେତେକ ହିତାଧିକାରୀ ଏହିସବୁ ଯୋଜନାରୁ ବଂଚିତ ହେଉଥିବା ଅନେକ ନିଜର ରହିଛି। ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଅନ୍ତର୍ଗତ ବଡକାଳିମାଟି ପଂଚାୟରେ ଥିବା ହାଣ୍ଡିଭଙ୍ଗା ଗ୍ରାମରେ। ଦୀର୍ଘ ବର୍ଷ ଧରି ହାଣ୍ଡିଭଙ୍ଗା ଗ୍ରାମର ପାଣ୍ଡୁ ମୁଣ୍ଡା ଏବଂ ତାଙ୍କ ସ୍ତ୍ରୀ ସୀତା ମୁଣ୍ଡା ତାଙ୍କ ଚାରି ଛୁଆ ଯଥା ବଡଝିଅ ଖଜୁରୀ ମୁଣ୍ଡା (୧୨), ସୁକୁରମୁନୀ ମୁଣ୍ଡା (୧୦), ପୁତୁଲି ମୁଣ୍ଡା (୭), କୁନି ମୁଣ୍ଡା (୩ର୍ଫ ତାଙ୍କ ପୁଅ ବିକାଶ ମୁଣ୍ଡାଙ୍କ ସହ୬ ପ୍ରାଣୀ କୁଟୁମ୍ବ ଘାଣ୍ଟି ହେଉଛନ୍ତି ଭଙ୍ଗା ଦଦରା କୁଡିଆ ଘରେ। ପରିସ୍ଥିତି ଏପରି ଯେଉଁଠାରେ ଦିନରେ ସୂର୍ଯ୍ୟ ଓ ରାତିରେ ଚାନ୍ଦ ଓ ତାରା ସ୍ପଷ୍ଟ ଦେଖି ହେଉଛି। ସରକାରଙ୍କ ତରଫରୁ ଘରଟିଏ ପାଇବା ଆଶାରେ ଅଫିସ୍‌କୁ ଦୌଡି ଦୌଡି ନିରାଶ ହେବାପରେ ଏବେ ଭଗବାନଙ୍କ ଭରଷାରେ ପଡି ରହିଛନ୍ତି ସେହି ଭଙ୍ଗା କୁଡିଆ ଘରେ। ଭାରତ ସ୍ୱାଧୀନ ହୋଇନଥିବା ପୂର୍ବରୁ ତାଙ୍କ ଦାଦା, ଅଜା ଅମଳାରୁ ରହି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟ' ଜମି ପଟ୍ଟା ମଧ୍ୟ ମିଳିପାରି ନାହିଁ। ସତେ ଯେପରି ସରାକାରଙ୍କ ବସୁନ୍ଧରା ଯୋଜନା ଏଠାରେ ପହଂଚି ପାରିନାହିଁ। ଯାହା ଫଳରେ ଘର ଖଣ୍ଡିଏ ମିଳିବାରୁ ବଂଚିତ ହେଉଛନ୍ତି ଏହି ପରିବାର। କୋଟି କୋଟି ଟଙ୍କାର ଯୋଜନା ଏଠାକାର ଖଣି କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ଆଦିବାସୀଙ୍କ ସାତସପନ ପାଲଟିଛି। ତେବେ ଦେଖିବାକୁ ବାକି ରହିଲା କେଉଁଦିନ ଜିଲ୍ଲା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁଛି ଏବଂ ଗରିବ ଲୋକଙ୍କ ନାଁରେ ଡିଣ୍ଡିମ ପିଟୁଥିବା ସରକାରଙ୍କ ଯୋଜନା ପହଂଚି ପାରୁଛି ସଠିକ୍ ହିତାଧିକାରୀଙ୍କ ପାଖରେ। ଘର ଥାଇ ଲୋକେ ଘର ପାଉଥିବା ବେଳେ ଏଥିରୁ ବଂଚିତ ହେଉଛନ୍ତି ପାଣ୍ଡୁ ମୁଣ୍ଡା ପରି ପ୍ରକୃତି ହିତାଧିକାରୀ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ଜାଗାରେ ଦୁର୍ନୀତିର ପର୍ଦ୍ଦାଫାସ ହେବା ସହ ଅନେକ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ତଥା ଦଲାଲମାନଙ୍କ ଚେହେରା ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଜୋର ଚର୍ଚ୍ଚା ଧରିଛି।

## କେନ୍ଦୁଝର ସହରରେ କୋଭିଡ ନିୟମ ଉଲ୍ଲଙ୍ଘନ ଅଭିଯୋଗରେ ମଲ୍ ଏବଂ ଦୋକାନ ଉପରେ ଚଢାଉ



କେନ୍ଦୁଝର (ପିଏନ୍): ଦେଶରେ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ତୀବ୍ର ଗତିରେ ବୃଦ୍ଧି ପାଉଛି। କରୋନା ଦ୍ୱିତୀୟ ଲହରକୁ ଦେଖି ତତ୍ପର ହୋଇଉଠିଛି ଜିଲ୍ଲା ପ୍ରଶାସନ। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର କୋଭିଡ ନିୟମକୁ କଡାକଡି ପାଳନ ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦୁଝର ସହରରେ କୋଭିଡ ନିୟମକୁ ପାଳନ ନକରି ଅନେକ ସ୍ଥାନରେ ଭିଡ ହେବା ସହ ମାସ୍କ ନ ପିନ୍ଧି ଲୋକମାନେ ବାହାରେ ବୁଲୁଛନ୍ତି। ସଦର ତହସିଲଦାର ଆଶିଷ ମହାପାତ୍ର, ଟାଉନ ଥାନା ଆଇଆଇସି ପ୍ରମୋଦିନୀ ସାହୁ ଏବଂ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ କେନ୍ଦୁଝର ସହରର ମାଇନିଂରୋଡ ଠାରେ ବିଭିନ୍ନ ସ୍ଥାନରେ ଚଢାଉ କରି ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଲୋକଙ୍କ ଠାରୁ କୋଭିଡ ନିୟମ ଅନୁପାଳନ କରୁନଥିବା ଏବଂ ମାସ୍କ ପିନ୍ଧି ନଥିବା କାରଣରୁ ମୋଟ ୧୮ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ମାଇନିଂରୋଡଠାରେ ଥିବା ବିଗ୍ ବଜାରରେ ସାମାଜିକ ଦୂରତା ନମାନିବା ଏବଂ ଅନେକ ଗ୍ରାହକ ମାସ୍କ ପିନ୍ଧି ନଥିବାରୁ ୫ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନଠାରୁ ୧ହଜାର ଏବଂ ଲୋକଙ୍କ ଠାରୁ ୫ଶହ ଟଙ୍କା ଫାଇନ କରାଯାଇଛି। କରୋନା ସଂକ୍ରମଣ ବଢୁଥିବାରୁ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଥିବା ଟାଉନ ଆଇଆଇସି ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ଆଗକୁ ସହରର ଭିଡ ସ୍ଥାନ ଏବଂ ହାଟରେ ନିୟମିତ ଭାବେ ଏଭଳି ଚଢଉକୁ ଜୋରଦାର କରାଯିବ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଉତ୍କଳ ଦିବସ : ଏକ ଅନୁଚିନ୍ତା

## ମହୋଦଧିଠାରୁ ଅମରକଣ୍ଟକ, ଗଙ୍ଗାଠାରୁ ଗୋଦାବରୀ



ପ୍ରତିବର୍ଷ ପରି ଏହିବର୍ଷ ମଧ୍ୟ ଓଡ଼ିଶା ରାଜ୍ୟ, ୨୦୨୧ ମସିହା, ଏପ୍ରିଲ ୧ ତାରିଖରେ ୮୫ତମ ଉତ୍କଳ ଦିବସ ପାଳନ କରୁଛି। ଏହି ପବିତ୍ର ଭୂମି, ଏହାର ଇତିହାସ, ପୁରାଣ ଶାସ୍ତ୍ର ଓ ଆଧ୍ୟାତ୍ମିକ ଶକ୍ତି ନିମନ୍ତେ ପ୍ରସିଦ୍ଧି ଲାଭ କରିଛି। ଭାରତ ଗର୍ବ ଅନୁଭବ କରୁଥିବା ଏପରି ଅନେକ କିଛିର ଉତ୍ପତ୍ତି ଏହି ଓଡ଼ିଶା ମାଟିରୁ ହିଁ ସମ୍ଭବ ହୋଇପାରିଛି। ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାଠାରୁ ଦୀର୍ଘ ୮୫ବର୍ଷର ଯାତ୍ରା ପଥରେ ରାଜ୍ୟର କେତେକାଂଶରେ ବିକାଶ ପରିଲକ୍ଷିତ ହୋଇଥିବା ବେଳେ, ନିର୍ଦ୍ଦିଷ୍ଟ ଭାବେ ଏହି ରାଜ୍ୟ ବିଭିନ୍ନ କ୍ଷେତ୍ରରେ ମଧ୍ୟ ନେତୃତ୍ୱ ବହନ କରିଥିଲା। ତେଣୁ ଓଡ଼ିଶାରେ ଆଜି ପରମ୍ପରା ଏବଂ ଆଧୁନିକତାର ଏକ ବିରଳ ସମନ୍ୱୟ ଘଟିଛି। ଆଜିର ଏହି ଐତିହାସିକ ଦିବସରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବହୁ ପ୍ରତିକ୍ଷିତ ସ୍ୱପ୍ନ ସାକାର ହୋଇଥିଲା।

ଏ ମାଟିର ସୁଯୋଗ୍ୟ ସନ୍ତାନମାନଙ୍କ ଅବିଶ୍ରାନ୍ତ ସଂଗ୍ରାମ ଏବଂ ନିଃସ୍ୱାର୍ଥପର ବଳିଦାନ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ଆତ୍ମପ୍ରକାଶ କରିଥିଲା। ଏହି ଐତିହାସିକ ସଫଳତା ଲାଭ ଦିଗରେ ଓଡ଼ିଶା ମାଟିର ମହାନ୍ ବ୍ୟକ୍ତିବିଶେଷ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳମଣି ପଣ୍ଡିତ ଗୋବପନ୍ଧୁ ଦାସ ଏବଂ ଏପରି ଅନେକ ପ୍ରଥିତଯଶା ମହାମନୀଷୀଗଣ ନିରନ୍ତର ସଂଗ୍ରାମ ଜାରି ରଖିଥିଲେ। ଏହି ଇତିହାସର ମୂକସାକ୍ଷୀ ସଂକ୍ଷେପରେ କହିବାକୁ ଗଲେ। ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନ ତତ୍କାଳୀନ ପ୍ରକ୍ରିୟା ନଥିଲା। ବରଂ ଏହା ଆମର ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସାହିତ୍ୟିକ ଏବଂ ଦୂରଦ୍ରଷ୍ଟାମାନଙ୍କ ବହୁବର୍ଷବ୍ୟାପୀ ଉଦ୍ୟମର ଫଳଶ୍ରୁତି ଥିଲା। ଆଜିର ଏହି ସ୍ମରଣୀୟ ଦିବସରେ ଆସନ୍ତୁ, ଏହି ମହାନ୍ ବରପୁତ୍ରମାନଙ୍କୁ ଆମର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏବଂ ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଗଠନ କ୍ଷେତ୍ରରେ ଆମକୁ ଅନନ୍ୟ ପରିଚିତ କରିଥିବା ଏହି ବରପୁତ୍ରମାନଙ୍କ ଅମୂଲ୍ୟ ଅବଦାନ ନିମନ୍ତେ ଶ୍ରଦ୍ଧାପୂର୍ବକ ସେମାନଙ୍କ ସ୍ମୃତିଚାରଣ କରିବା। ଓଡ଼ିଶା ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ସହିତ ୨୫୦୦ବର୍ଷର ପ୍ରାଚୀନ ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ପୂର୍ବସୁରୀମାନଙ୍କର ନିରନ୍ତର ଉଦ୍ୟମ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ।

ପ୍ରାଚୀନ ଯୁଗରୁ ଓଡ଼ିଶା ଏକ ଐଶ୍ୱର୍ଯ୍ୟଶାଳୀ, ଉତ୍କୃଷ୍ଟ କଳା କୌଶଳ ଜ୍ଞାତ ସାମରିକ ଶକ୍ତିସମ୍ପନ୍ନ ଓ ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ରାଜ୍ୟ ରୂପେ ବିଶ୍ୱ ଦରବାରରେ ପରିଚିତ ଥିଲା। ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମରକଣ୍ଟକ ଏବଂ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ବିଶାଳ ଭୂଖଣ୍ଡ, ପୁରାତନ ଐତିହାସିକ କାଳର ବୃହତ ତଥା ଶକ୍ତିଶାଳୀ ରାଜ୍ୟ କଳିଙ୍ଗ, ଉତ୍କଳିଙ୍ଗ, ଉତ୍କଳ, ତ୍ରିକଳିଙ୍ଗ, ତୋଷଳ, କୋଶଳ, କଙ୍ଗୋଦ ଏବଂ ଉଡ୍ର ଶବ୍ଦରୁ ସାମ୍ପ୍ରତିକ ଓଡ଼ିଶା ପ୍ରଦେଶ ନାମଟି ଉଦ୍ଭବ ହୋଇଅଛି। ଅତୀତର ସମୃଦ୍ଧି ଓ ବୀରତ୍ୱର ଗାଥା ଏକ ଅପୂର୍ବ ସମିଶ୍ରଣ ସହ, ଏହି ପ୍ରାଚୀନ ରାଜ୍ୟ କେତେବେଳେ ଜଣେ ରାଜାଙ୍କ ଦ୍ୱାରା ଏବଂ କେତେବେଳେ ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଲେ ହେଁ ଭାବ ଓ ଭାଷା ଦୃଷ୍ଟିରୁ ଏହାର ଜାତୀୟତା ଅକ୍ଷୁର୍ଣ୍ଣ ରହିଥିଲା। ରାମାୟଣ, କଳ୍କୀ ପୁରାଣ, ଗ୍ରନ୍ଥ, ମହାଭାରତ, ବୃହତ ସଂହିତା, ଶକ୍ତି ସଙ୍ଗମତନ୍ତ୍ର, ବୁଦ୍ଧାୟନ ସୂତ୍ର, ଦିଗ୍‌ବିଜୟ ପ୍ରକାଶ, ତ୍ରିକାଣ୍ଡ କୋଷ, ସ୍କନ୍ଦପୁରାଣ, କପିଳ ସଂହିତା, ମତ୍ସ୍ୟପୁରାଣ, ଦଶକୁମାର ରଚିତ ପ୍ରଭୃତି ପ୍ରାଚୀନ ଶାସ୍ତ୍ର ସମୂହରେ ଏହି ଭୂଖଣ୍ଡର ଗୌରବର ଗାଥାର ପ୍ରମାଣିକ ତଥ୍ୟ ଅଙ୍କିତ। ଏହି ଭୂଖଣ୍ଡରେ ଚୈତ୍ର, ଭୌମ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶର ନରପତିଗଣ ଶାସନ କରି ଅକ୍ଷୟଯଶ ରଖିଯାଇଛନ୍ତି। ଦୁଃଖର ବିଷୟ ଷୋଡ଼ଶ ଶତାବ୍ଦୀରେ ଏହି ରାଜ୍ୟର ସ୍ୱାଧୀନତା ବିପନ୍ନମୁଖୀ ହୋଇ ଏହା ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନଧୀନ ହୋଇଥିଲା। ସେମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନକରି, ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସହିତ ଅନ୍ତର୍ଭୁକ୍ତ କରିଥିଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ବଙ୍ଗ ପ୍ରଦେଶ ଅଧୀନରେ ରଖିଲେ। ପରେ ପରେ ମୋଗଲମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ଗୋଟିଏ ସୁବାରେ ପରିଣତ କରିଥିଲେ। ଏହାପରେ ମରହଟ୍ଟାମାନେ ଓଡ଼ିଶା ଅଧିକାର କରିଥିଲେ ହେଁ ସେମାନଙ୍କ ରାଜତ୍ୱରେ ଓଡ଼ିଶା ଶାସନରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା। ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ। ସେମାନେ ଓଡ଼ିଶାର ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କୃତି, ପରମ୍ପରାକୁ ଭ୍ରୁକୁଞ୍ଚନ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜ ପ୍ରବେଶ, ପଶ୍ଚିମାଞ୍ଚଳକୁ ମଧ୍ୟପ୍ରଦେଶ ଓ ଉତ୍ତରାଞ୍ଚଳକୁ ବଙ୍ଗ ପ୍ରଦେଶରେ ମିଶ୍ରଣ କରିଦେଲେ। ଇଂରେଜମାନେ କପଟତା ଅବଲମ୍ବନ ପୂର୍ବକ ଓଡ଼ିଶା ଅଧିକାର କରିଥିବାରୁ ଓଡ଼ିଆ ଜାତି ଏହା ସହଜରେ ସ୍ୱୀକାର କରିନଥିଲା। ଏହା ବିରୁଦ୍ଧରେ ଓଡ଼ିଆମାନଙ୍କ ଦ୍ୱାରା ସଂଗଠିତ ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହି ପାଇକବୀରଙ୍କ ଭୟରେ ଇଂରେଜ ପ୍ରଶାସକମାନେ ଖୋର୍ଦ୍ଧା ପରିତ୍ୟାଗ ପୂର୍ବକ ପଳାୟନ କରିଥିଲେ। ଏହି କାରଣରୁ ଇଂରେଜମାନେ ଓଡ଼ିଆମାନଙ୍କୁ ଦୁର୍ଦ୍ଧଷ ବିବେଚନା କରି ଭୟରେ ବିଶାଳ ଓଡ଼ିଶାକୁ ଖଣ୍ଡଖଣ୍ଡ କରି ଭିନ୍ନ ଭିନ୍ନ ପ୍ରବେଶ ଅଧୀନରେ ରଖିଲେ।

୧୮୬୫-୬୬ରେ ଓଡିଶାରେ ବଡ଼ ନ'ଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା। ଏହି ଦୁର୍ଭିକ୍ଷରେ ଲକ୍ଷଲକ୍ଷ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ସରକାରୀ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ଏକଲକ୍ଷ ବୋଲି କୁହାଯାଇଥିଲା। ପ୍ରମୁଖ ଓଡ଼ିଶାବାସୀଙ୍କର ଦାବି ଓ ଆପତ୍ତିକ୍ରମେ ବିଲାତସ୍ଥିତ ଭାରତ ସଚିବ ଷ୍ଟାଫୋର୍ଡ ନର୍ଥକୋଟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ଯେ, ବଙ୍ଗ, ବିହାର ଓ ଓଡ଼ିଶାକୁ ଏକ ପ୍ରଦେଶ ରଖାଯାଇଥିବାରୁ ଏହି ବିଶାଳ ଭୂଖଣ୍ଡର ଶାସନ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିଲା ନାହିଁ ଏବଂ ଏହି କାରଣରୁ ଓଡ଼ିଶାର ଅକଥନୀୟ ଅବସ୍ଥା ଘଟିଲା।

ପ୍ରକୃତପକ୍ଷେ ଏହା ପରଠାରୁ ୧୮୮୨ ମସିହାରେ "ଉତ୍କଳସଭା" ଗଠନ କରାଗଲା। ଅନେକ ଓଡ଼ିଆ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ସରକାରଙ୍କ ଠାରେ ଦାବି ଜଣାଇଲେ। କାଳକ୍ରମେ ୧୯୧୧ ମସିହାରେ ବିହାର ଓ ଓଡ଼ିଶାକୁ ବଙ୍ଗପ୍ରଦେଶରୁ ଅଲଗା କରି ଏକ ମିଳିତ ପ୍ରଦେଶ ଭାବରେ ରଖିଲେ। ଏଥିରେ ମାନ୍ଦ୍ରାଜ ପ୍ରଦେଶସ୍ଥିତ ଓଡ଼ିଆ ଅଞ୍ଚଳ ମିଶିନଥିଲା। ୧୯୧୪ରେ ଉତ୍କଳ ସମ୍ମିଳନୀ ବୈଠକରେ, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନଧୀନ କରିବାକୁ ଆହ୍ୱାନ ଦିଆଗଲା। ୧୯୧୬ରେ ଚେମ୍‌ସଫୋର୍ଡ ଓ ମଣ୍ଟେଗୁଙ୍କୁ ନେଇ ଗଠିତ ଶାସନ ସଂସ୍କାର କମିଟି ନିକଟରେ ଓଡ଼ିଶାର ନେତୃବର୍ଗ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶ କରିବା ନିମିତ୍ତ ଦାବି ଉପସ୍ଥାପନ କଲେ। ବାଧ୍ୟବାଧକତାରେ ଉକ୍ତ କମିଟିର ସୁପାରିଶରେ ବିହାର ଓଡ଼ିଶା କାଉନସିଲରେ ପ୍ରସ୍ତାବ ଗୃହିତ ହୋଇଥିଲା। ଏହା କାର୍ଯ୍ୟକାରୀ ନହେବାରୁ ୧୯୨୦ରେ, ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରାଦେଶିକ କଂଗ୍ରେସ କମିଟି ଗଠନ କରାଯାଇ ଓଡ଼ିଆଙ୍କ ଦାବିକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ବିହାର ଓଡ଼ିଶା କାଉନସିଲରେ ଓଡ଼ିଶାର ଦାବି ଜଣାଇଥିଲେ। ସେ ମଧ୍ୟ ଓଡ଼ନେଲ କମିଟି ନିକଟରେ ସାକ୍ଷ ଦେଇ ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ। ୧୯୨୪ରେ ମଧୁସୂଦନ ଦାସ କଂଗ୍ରେସ ଓ ଅଣକଂଗ୍ରେସ ନେତାମାନଙ୍କ ସମନ୍ୱୟ କମିଟି ନିକଟରେ ଦୃଢ ଦାବି ଜଣାଇଥିଲେ। ୧୯୩୧ରେ ଲଣ୍ଡନଠାରେ ଗୋଲଟେବୁଲ ବୈଠକ ବସିଲା ଓଡ଼ିଶାରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେ ବୈଠକରେ ପ୍ରତିନିଧିତ୍ୱ କରିଥିଲେ। ସେତେବେଳକୁ ପୂର୍ବ ନେତୃବୃନ୍ଦଙ୍କ ସହିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଅନନ୍ତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ହରେକୃଷ୍ଣ ମହାତାବ, ସତ୍ୟବାଦୀ ମିଶ୍ର ପ୍ରଭୃତି ଅଗଣିତ ବିପ୍ଳବୀଙ୍କ ନେତୃତ୍ୱ ଓଡ଼ିଆ ଆନ୍ଦୋଳନକୁ ବ୍ୟାପକ କରିପାରିଥିଲା। ବିଶେଷତଃ ଛୁରୀଆନା କୁଞ୍ଜର ପଞ୍ଚସଖା ଓ ସତ୍ୟବାଦୀ ବନବିଦ୍ୟାଳୟ ତଥା 'ସମାଜ' ମାଧ୍ୟମରେ ଓଡ଼ିଶାବାସୀଙ୍କ ହୃଦୟରେ ଜାତୀୟ ଚେତନା ବିକାଶ ଲାଭ କରି ତୀବ୍ର ସ୍ୱରୂପ ଧାରଣ କରିଥିଲା। ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ନିଶା ନିବାରଣ, ଲବଣ ସତ୍ୟାଗ୍ରହ, ସରକାରୀ ଆଇନ ଅମାନ୍ୟ ଜୋରଦାର ଆରମ୍ଭ ହୋଇଯାଇଥିଲା। ପରିଶେଷରେ ତତ୍କାଳୀନ ଇଂରେଜ ସରକାର ୧୯୩୬ ଅପ୍ରେଲ ୧ ତାରିଖ ଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପ୍ରଦାନ କଲେ। ଏହା ଭାରତର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ହୋଇଥିଲେ ହେଁ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମିଶିପାରି ନଥିଲା। ଉତ୍ତରରେ ଥିବା ମେଦିନୀପୁର, ସିଂହଭୂମି, ଧଳଭୂମି, ଚାଇଁବସା, ଛୋଟନାଗପୁର, ଚକ୍ରଧରପୁର, ପଶ୍ଚିମରେ ଥିବା ବସ୍ତର, ରାୟପୁର, ଅମ୍ବିକାପୁର, ସୁରୁଗୁଜା, ଶ୍ରୀପୁର, ସିରିଆ ପ୍ରଭୃତି ଏବଂ ଦକ୍ଷିଣରେ ଥିବା ମଞ୍ଜୁସା, ଟିକାଲି, ଜଳନ୍ତର ପ୍ରଭୃତି ଏବେ ବି ଓଡ଼ିଶା ସହିତ ମିଶିପାରି ନାହିଁ। ଏହି ଖଣ୍ଡିତ ଓଡ଼ିଶା ପ୍ରଦେଶ ଦେଖିବା ନିମିତ୍ତ ଉତ୍କଳମଣୀ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମେତ ଅନେକ ଉତ୍କଳର ପ୍ରାଣନେତା ଜୀବିତ ନଥିଲେ। ଅତ୍ୟନ୍ତ ଦୁଃଖର କଥା-ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ୧୯୩୬ ମସିହାରେ ଗଠନ ହେଲା ସତ ଅଥଚ ଓଡ଼ିଶାବାସୀଙ୍କ ସ୍ୱପ୍ନ ଅଧୁରା ହୋଇ ରହିଗଲା ଏପରିକି, ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ଷଢେଇକଳା ଓ ଖରସୁଆଁ ଓଡ଼ିଶାରୁ ବିଚ୍ଛିନ୍ନ ହୋଇଗଲା। ବିଚ୍ଛିନ୍ନ ଅଞ୍ଚଳର ଓଡ଼ିଆ ଭାଷାଭାଷୀଙ୍କ ଦୁଃଖ, ଦୁର୍ଦ୍ଦଶା ସ୍ୱଚକ୍ଷୁରେ ନଦେଖିଲେ ବିଚ୍ଛିନ୍ନତାର ଯନ୍ତ୍ରଣା ହୃଦୟଙ୍ଗମ କରିହେବ ନାହିଁ। ସ୍ୱାଧୀନତା ପରେ ଏହି ଅଞ୍ଚଳଗୁଡ଼ିକ ଓଡ଼ିଶାରେ ମିଶିବା ପାଇଁ ଓଡ଼ିଶାବାସୀଙ୍କ ବ୍ୟାପକ ଆନ୍ଦୋଳନ କରିଥିଲେ ହେଁ ଫଳ କିଛି ହେଲାନାହିଁ। କେବଳ ସୁନୀଲ ଓ ବେଙ୍ଗ ପାଣିଆ ଶହୀଦ ହୋଇଗଲେ। ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ଆଶ ଆଶାରେ ହିଁ ରହିଗଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ୮୫ବର୍ଷ ହେଲାଣି, ତଥାପି ଓଡ଼ିଶା ପଛୁଆ ରାଜ୍ୟ। ଯେଉଁ ଓଡ଼ିଆ ଭାଷାକୁ ଆଧାର କରି ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ସେହି ଓଡ଼ିଆ ଭାଷା ଆଜି ବିପନ୍ନ। ପ୍ରାଚୀନ ସାହିତ୍ୟ, ଅଭିଲେଖା, ବିଦେଶୀ ପରିବ୍ରାଜକଙ୍କ ବିବରଣୀ ପ୍ରଭୃତିରେ ବର୍ଣ୍ଣିତ ବିଶାଳ ଓଡ଼ିଶାର ସାମଗ୍ରିକ ଐତିହ୍ୟକୁ ଜଳାଞ୍ଜଳି ଦିଆଯାଇ ଏକ ଖଣ୍ଡିତ ପ୍ରଦେଶକୁ ଓଡ଼ିଶା ପ୍ରଦେଶ କୁହାଯାଉଥିବାରୁ ଏ ଦିଗରେ ରାଜ୍ୟ ସରକାର ବରମ୍ବାର ଦାବି କରିବାର ଆବଶ୍ୟକତା ନିତାନ୍ତ ଜରୁରୀ ବୋଲି ଓଡ଼ିଶାବାସୀଙ୍କ ମତ।

**ପ୍ରଦୀପ ସେନାପତି**, ରାଜ୍ୟ, ଜାତୀୟ, ଆନ୍ତର୍ଜାତୀୟ ସ୍ତମ୍ଭକାର ତଥା ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜିଲ୍ଲାପାଳ ରୋଡ଼୍, ଭଦ୍ରକ, ମୋ: ୯୪୩୮୪୪୬୫୭୫




# କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଶ୍ରମ କୋଡ଼୍ ବାତିଲ ଦାବୀରେ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ପକ୍ଷରୁ ଲେବର କୋଡ଼୍ ପୋଡ଼ି

ଭୁବନେଶ୍ୱର : କେନ୍ଦ୍ର ସରକାରଙ୍କର ଶ୍ରମିକ ବିରୋଧି ୪ ଟି ଲେବର କୋଡ଼୍ ପତ୍ୟାହାର ଦାବୀରେ ରାଜଧାନୀ ମାଷ୍ଟର କ୍ୟାଂଟିନ ଛକରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ - INTUC, AITUC,HMS, CITU, AIUTUC, AICCTU, TUCC, SEWA ତରଫରୁ ମିଳିତ ଭାବରେ ୪ଟି ଲେବର କୋଡ଼୍‌କୁ ପୋଡ଼ାଯାଇଛି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କର ନିଷ୍ପତି ଅନୁଯାୟୀ ଦେଶ ବ୍ୟାପୀ ସମସ୍ତ ମୁଖ୍ୟ କାର୍ଯ୍ୟାଳୟ, ସହର, ଜିଲ୍ଲାମାନଙ୍କର ୪ ଟି ଲେବର କୋଡ଼୍ ଆଇନକୁ ପ୍ରତ୍ୟାହାର ଦାବୀରେ ଏହି ଲେବର କୋର୍ଡ଼୍‌କୁ ପୋଡ଼ାଯାଇ ପ୍ରତ୍ୟାହାର ଦାବୀ କରାଯାଇଛି । ମୋଦୀ ସରକାର ପାର୍ଲାମେଂଟରେ ଆଣିଥିବା ବିଦ୍ୟୁତ ଆଇନ - ୨୦୨୦କୁ ମଧ୍ୟ ପ୍ରତ୍ୟାହାର କରିବା ଦାବୀରେ ଉକ୍ତ କଳା ଆଇନକୁ ପୋଡ଼ା ଯାଇଥିଲା । ୨୦୨୦ ମସିହା ଅକ୍ଟୋବର ମାସରେ ବିଦ୍ୟୁତ ନିୟମ ଆୟୋଗ ୨୦ ପଇସା ବୃଦ୍ଧି କରିଥିବା ସ୍ଥଳେ ପୁନର୍ବାର ୨୦୨୧ ମାର୍ଚ୍ଚ ମାସରେ ୩୦ ପଇସା ବୃଦ୍ଧିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଦାବୀ କରାଯାଇଥିଲା । ଏହି ପ୍ରଦର୍ଶନରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି - ଡକ୍ଟର ରାମଚନ୍ଦ୍ର ଖୁଂଟିଆ, ପ୍ରାକ୍ତନ ସାଂସଦ, ଏ.ଆଇ.ଟି.ୟୁ.ସି-ରାମକୃଷ୍ଣ ପଣ୍ଡା, ଏଚ.ଏମ୍.ଏସ - ବିରେନ୍ଦ୍ର ପ୍ରତାପ ଦାସ, ସି.ଆଇ.ଟି.ୟୁ - ବିଷ୍ଣୁ ମହାନ୍ତି, ଏ.ଆଇ.ୟୁ.ଟି.ୟୁ.ସି - ଡକ୍ଟର ପୂର୍ଣ୍ଣଚନ୍ଦ୍ର ବେହେରା, ଏ.ଆଇ.ସି.ସି.ଟି.ୟୁ - ରାଧାକାନ୍ତ ସେଠୀ, ଟି.ୟୁ.ସି.ସି - ଜ୍ୟୋତି ରଞ୍ଜନ ମହାପାତ୍ର ଓ ସେୱାର- ପରିଲତା ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ସତ୍ୟବ୍ରତ ନାୟକ, ଅକ୍ଷୟ ତ୍ରିପାଠୀ, ମହେନ୍ଦ୍ର ପରିଡ଼ା, ନିରଞ୍ଜନ ମହାନ୍ତି, ପୂର୍ଣ୍ଣ ପାଢ଼ୀ, ବିଜୟ ସାହୁ, ବଂଶୀଧର ପରିଡ଼ା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଉତ୍କଳ ଦିବସ ଉପଲକ୍ଷେ ଓଡ଼ିଶାରେ ଓଡ଼ିଆ ଭାଷାକୁ ଆଇନ, ଜ୍ଞାନ କୌଶଳ, ରୋଜଗାର ଓ ଯୋଗାଯୋଗ, କୋର୍ଟ କଚେରୀ, ଅଫିସ ଦପ୍ତରର ଭାଷା କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନେ ଦାବୀ କରିବା ସହ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କର ନେତୃମଣ୍ଡଳୀ ଆଜି ରାଜ ଭବନ ସମ୍ମୁଖସ୍ଥ ମଧୁସୁଧନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।




# ବିଧିରକ୍ଷା ନିମନ୍ତେ ଚୈତ୍ରପର୍ବ ୨ ଘଂଟା ନିମନ୍ତେ ଆୟୋଜିତ ହେବ- ସଂସ୍କୃତି ଅଧିକାରୀ ତନୁଜା ସିର୍କା

ବାରିପଦା: ଚଳିତ ବର୍ଷ ବିଧିରକ୍ଷା ନିମନ୍ତେ ମୟୂରଭଞ୍ଜର ଗଣପର୍ବ ଚୈତ୍ର ପର୍ବ ୨ ଘଂଟା ନିମନ୍ତେ ଅନୁଷ୍ଠିତ ହେବ । ବାରିପଦା ଉତରସାହି ଓ ଦକ୍ଷିଣସାହିର କଳାକାରମାନେ ନୃତ୍ୟ ପରିବେଶଣ କରିବା ପରେ ଏହାକୁ ବନ୍ଦ କରିଦିଆଯିବ । ଏଥି ସହିତ ଛଉ ପଡ଼ିଆର ଦର୍ଶକ କେପାସିଟିର ୫୦ ପ୍ରତିଶତ ଦର୍ଶକ ଏବଂ କରୋନା କଟକଣା ମଧ୍ୟରେ ଚୈତ୍ର ପର୍ବ ପାଳନ କରାଯିବ । ସେହିପରି ବିଧି ଓ ପରମ୍ପରା ଅନୁସାରେ ଛଉ ମଣ୍ଡପରେ ଭକ୍ତାମାଳେଣ ମଧ୍ୟ ହେବ । ଆଜିର ବୈଠକରେ ଛଉ ନୃତ୍ୟ ପାଳନ ହେବାର ନିଷ୍ପତି ନିଆ ଯାଇଛି । ପରବର୍ତ୍ତି ସମୟରେ ଦ୍ୱିତୀୟ ବୈଠକ ବସି ଏହାର ମାର୍ଗଦର୍ଶୀକା ସ୍ଥିର କରାଯିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଚଳିତ ବର୍ଷ କରୋନା କଟକଣା କାରଣରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଛଉନୃତ୍ୟ ବନ୍ଦ କରାଯିବାର ନିଷ୍ପତି ନିଆଯାଇଥିଲା । ପ୍ରଶାସନର ଏହି ନିଷ୍ପତିକୁ ବିଭିନ୍ନ ମହଲରେ ତୀବ୍ର ବିରୋଧ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ ସହ ଜିଲ୍ଲାପାଳଙ୍କୁ ନିଷ୍ପତିର ପୁର୍ନବିଚାର କରିବାକୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ବିଶ୍ୱ ସଂସ୍କୃତିକୁ କୋଣାର୍କର କଳା ସ୍ଥାପତ୍ୟ ଯେପରି ଏକ ମହତ୍ୱପୂର୍ଣ୍ଣ ଅବଦାନ, ସେହିପରି ଭାରତୀୟ ସଂସ୍କୃତି ପ୍ରତି ମୟୂରଭଞ୍ଜର ଛଉନୃତ୍ୟ ଏକ ମହନୀୟ ଅବଦାନ ରୂପେ ସ୍ୱୀକୃତ । ଜିଲାରେ ଚୈତ୍ର ପର୍ବ କହିଲେ ଛଉନୃତ୍ୟ ଓ ଭକ୍ତାମେଳଣକୁ ବୁଝାଇଥାଏ । ଜନସାଧାରଣଙ୍କ ଧାର୍ମିକ ଭାବନା ସହିତ ସହିତ ଉତପ୍ରୋତଭାବେ ଜଡ଼ିତ । ଏହା ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାମାନଙ୍କ ଶାସନ ସମୟରୁ ଚାଲି ଆସିଛି । ମୟୂରଭଞ୍ଜ ଜିଲ୍ଲାରେ ଛଉନୃତ୍ୟ ଚୈତ୍ରପର୍ବର ମୁଖ୍ୟ ଆକର୍ଷଣ । ପ୍ରତ୍ୟେକ ବର୍ଷ ଏହି ପର୍ବ ଅପ୍ରେଲ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇ ଆସୁଥିବା ବେଳେ ପ୍ରଥମ ଦିନ ଗ୍ରାମାଂଚଳ ଛଉ ପ୍ରତିଷ୍ଠାନ ଓ ଦ୍ୱିତୀୟ ଏବଂ ତୃତୀୟ ଦିନ ବାରିପଦା ଉତରସାହି ଓ ଦକ୍ଷିଣ ସାହି ଛଉ ପ୍ରତିଷ୍ଠାନ ସେମାନଙ୍କର ନୃତ୍ୟ ପରିବେଶଣ କରିଥାନ୍ତି । ସେହିପରି ଚୈତ୍ର ପର୍ବକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ କୃଷି ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥାଏ । କିନ୍ତୁ, ପ୍ରଶାସନ ପକ୍ଷରୁ କରୋନା କଟକଣା ନାମରେ ୨୦୨୦ରେ ଚୈତ୍ରପର୍ବକୁ ବନ୍ଦ କରି ଦିଆଯାଇଥିବା ବେଳେ ଚଳିତ ବର୍ଷ ମଧ୍ୟ ବନ୍ଦ କରିବାର ନିଷ୍ପତି ନିଆଯାଇଥିଲା ।



ଜୟଦେବ ଭବନରେ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଉତ୍କଳ ଦିବସ ପାଳନ କରାଯାଇଥିଲା

# ୪୮ ବର୍ଷର ଭୁବନ ଏନଏସିରେ ନାହିଁ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାର

ଭୁବନ: ଭୁବନ ଏସିଆ ମହାଦେଶର ସବୁଠାରୁ ବଡ ଗାଁ ଭାବେ ପରିଚିତ । ୧୯୭୨ ମସିହାରେ ଏହା ଏନଏସି (ବିଜ୍ଞାପିତ ଅଂଚଳ ପରିଷଦ) ରେ ପରିଣତ ହୋଇଛି । ଦୀର୍ଘ ୪୮ ବର୍ଷର ଏନଏସିରେ ଜନସାଧାରଣ ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି । ଭୁବନର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ତଥା ମୁଖଶାଳା କୁହାଯାଉଥିବା ନୂଆବଜାର (ବସଷ୍ଟାଣ୍ଡ)ରେ ଯାତ୍ରୀ ବିଶ୍ରାମାଗାର ଓ ପରିଶ୍ରାଗାର ନଥିବାରୁ ଯାତ୍ରୀ ମାନେ ପ୍ରବଳ ଖରାରେ ବିଭିନ୍ନ ଦୋକାନ ବାରଣ୍ଡା ଓ ହୋଟେଲ ଦୁଆରେ ବସ୍ କୁ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି । ପରିଶ୍ରାଗାର ନଥିବାରୁ ପୁରୁଷ ଲୋକମାନେ ପୁରୁଣା ଥାନା ପାଚେରୀ କଡରେ କାମ ସାରଦେଉଥିବା ବେଳେ ମହିଳା ମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି । ନୂଆବଜାରରେ ପୂର୍ବରୁ ଏକ ଯାତ୍ରୀ ବିଶ୍ରାମାଗାର ଥିଲା କିନ୍ତୁ ତାହାକୁ ଏକ ଘରୋଇ ବ୍ୟାଙ୍କ ଏଟିଏମ କରିବା ଉଦ୍ଦେଶ୍ୟରେ ବନ୍ଦ କରାଯାଇ ଉପରମହଲାରେ ଯାତ୍ରୀ ବିଶ୍ରାମାଗାର ଯୋଜନା ହେବାରୁ ତୀବ୍ର ଜନଅସନ୍ତୋଷ ଦେଖାଦେଲା । ଫଳରେ ଏନଏସି ତାହାକୁ କିଛିଦିନ ଗୋଦାମ ଘର କରିବା ପରେ ପୁଣି ଖୋଲିଥିଲା । ବିଶ୍ରାମାଗାରକୁ ଲାଗି ପରିଶ୍ରାଗାର କରାଯାଇଥିଲେ ମଧ୍ୟ ନିୟମିତ ସଫାସୁତରା ଓ ରକ୍ଷଣାବେକ୍ଷଣ କରାନଯିବା କାରଣରୁ ତାହା ପୁତିଗନ୍ଧମୟ ପରିବେଶ ସୃଷ୍ଟି କଲା । ପରବର୍ତ୍ତି ସମୟରେ ଏହାକୁ ତାଲା ପକାଇ ରଖାଗଲା । ଥଣ୍ଡା ପାନୀୟଜଳ ପ୍ରକଳ୍ପଟି ମଧ୍ୟ ଦୀର୍ଘଦିନ ହେଲା ଅଚଳ ହୋଇ ପଡିଛି । ବିଶ୍ରାମାଗାରଟି ସର୍ବଦା ଅପରିଷ୍କାର ଓ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଅସାମାଜିକ ବ୍ୟକ୍ତି ସେଠାରେ ଦିନବେଳେ ଗଞ୍ଜେଇ ସେବନ କରୁଥିବା ବେଳେ ରାତିରେ ମଦ୍ୟପାନ କରୁଛନ୍ତି । ଏଥିପାଇଁ ଜଣେ ହେଲେ ଯାତ୍ରୀ ସେହି ସ୍ଥାନକୁ ଯାଉନାହାଁନ୍ତି । ତାଛଡା ଏହି ସଟରଲଗା ଗୃହଟି ଯାତ୍ରୀ ବିଶ୍ରାମାଗାର ବୋଲି ଏନଏସି ତରଫରୁ କୌଣସି ଲେଖା (ୱାଲିଙ୍ଗ) କିମ୍ବା ସାଇନବୋର୍ଡ ଲଗାଯାଇ ନଥିବାରୁ ଯାତ୍ରୀମାନେ ଜାଣିପାରୁନାହାନ୍ତି । ଭୁବନର ବାଇପାସ ରୋଡ ଭାବେ ପରିଚିତ କାଳୀବଜାରରେ ମଧ୍ୟ ଯାତ୍ରୀ ବିଶ୍ରାମାଗାର ନଥିବାରୁ ଲୋକେ ଦୋକାନ ବାରଣ୍ଡା ଓ କାଳୀମନ୍ଦିର ଦୁଆରେ ଛିଡା ହେଉଛନ୍ତି । ଶୁଲଭ ଶୌଚାଳୟଟିଏ ଯଦିଓ ଖୋଲିଛି ତାହା କାଳୀବଜାର ଛକଠାରୁ ଶହେ ମିଟର ଦୂରରେ ରହିଥିବାରୁ ବାହାରୁ ଆସୁଥିବା ଯାତ୍ରୀମାନେ ଜାଣିପାରୁ ନାହାନ୍ତି । ଭୁବନର ଏହା ପ୍ରମୁଖ ସମସ୍ୟା ପାଲଟିଥିବା ବେଳେ ଆଗକୁ ଆସୁଥିବା ପୌର ନିର୍ବାଚନରେ ଏକ ପ୍ରସଙ୍ଗ ହେବାକୁ ଯାଉଥିବାରୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି ।

# ଭୁବନରେ ଅଗ୍ନିବର୍ଷା

ଭୁବନ: ଗତ ୩ ଦିନ ହେଲା ଭୁବନ ଓ ଏହାର ଆଖପାଖ ଅଂଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଷ୍ଠିତ ହେଉଅଛି । ଲଗାତର ଭାବେ ତିନିଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଗତକାଲି ୪୧ ଡିଗ୍ରୀ ଥିବା ବେଳେ ଆଜି ୪୨ ଡିଗ୍ରୀକୁ ବୃଦ୍ଧି ପାଇଥିଲା । ଫଳରେ ଦିନ ୧୧ ଘଟିକା ପରଠାରୁ ରାସ୍ତାଘାଟ ଶୁନଶାନ ହୋଇଯାଇଥିଲା । ପ୍ରବଳ ଖରା ସାଙ୍ଗକୁ ଝାଞ୍ଜି ପବନ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା । ଆହୁରି ୨ ଦିନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭବ ହେବା ସକାଶେ ଢେଙ୍କାନାଳ ଜିଲ୍ଲା ସମେତ ୨୧ ଟି ଜିଲ୍ଲାକୁ ରାଜ୍ୟ ପାଣିପାଗ ବିଭାଗ ଅରେଞ୍ଜି ୱାର୍ଣ୍ଣିଂ ଜାରି କରିଛି । ଏଭଳି ସ୍ଥିତିରେ ଭୁବନ ଏନଏସିରେ ଜଳଛତ୍ର ଖୋଲାଯାଇନ ଥିବାରୁ ବାଟୋଇ ଓ ବସ କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ପିଇବା ପାଣି ପାଇଁ ନାହିଁ ନଥିବା ହିନସ୍ତା ହେଉଛନ୍ତି । ତା ସାଙ୍ଗକୁ ବିଦ୍ୟୁତ ବିଭାଗ ବିଲ୍ ଆଦାୟରେ ଜୁଲମ କରି ବିଦ୍ୟୁତ ବିଚ୍ଛିନ୍ନ କରିଦେଉଛି । ବିଶେଷ କରି ବିପିଏଲ ଶ୍ରେଣୀୟ ଲୋକଙ୍କର ଯାହାର ୧ ହଜାର ରୁ ୫/୧୦ ହଜାର ବକେୟା ରହିଛି ତୁରନ୍ତ ବିଲ୍ ପ୍ରଦାନ ନକଲେ ବିନା ନୋଟିସରେ ତତକ୍ଷଣାତ୍ ସେମାନଙ୍କ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଉଥିବାରୁ ଗରିବ ଲୋକମାନେ ଅସହ୍ୟ ଗରମରେ ଛଟପଟ ହେଉଛନ୍ତି ।

# ଜାତୀୟ ସେବା ଯୋଜନାର ତ୍ରିଦିବସୀୟ ସ୍ୱଚ୍ଛତାହିଁ ସେବା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାରିପଦା: ଭାରତ ସରକାରଙ୍କ ଯୁବବ୍ୟାପାର ମନ୍ତ୍ରଣାଳୟର ଭୁବନେଶ୍ୱର ଆଂଚଳିକ ଜାତୀୟ ସେବା ଯୋଜନା ନିର୍ଦ୍ଦେଶାଳୟର କାର୍ଯ୍ୟସୂଚୀ ଅନୁସାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ପରିସର ଓ ଜନ ସାଧାରଣଙ୍କ ବହୁଳ ଚଳପ୍ରଚଳ ସ୍ଥାନରେ ସ୍ୱଚ୍ଛତାହିଁ କାର୍ଯ୍ୟକ୍ରମ ସହିତ ବୃକ୍ଷରୋପଣ, କାନ୍ଥରେ ସଚେତନତା ମୂଳକ ଚିତ୍ରାଙ୍କନ କରାଯାଇ ସଚେତନତା ସୃଷ୍ଟି ହୋଇଯାଇଛି । ତା୨୭/୩/୨୧ ରିଖ ରେ ରୂପ୍‌ସା ସ୍ଥିତନୀଳମଣି ମହାବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ତା୩୦/୩/୨୧ ରିଖରେ ସୀମାନ୍ତ ମହାବିଦ୍ୟାଳୟ, ଝାରପୋଖରିଆ ଠାରେ ଉଦ୍‌ଯାପିତ ହୋଇ ଯାଇଛି । ଦ୍ୱିତୀୟ ଦିବସରେ ମୟୂରଭଞ୍ଜ ଜିଲ୍ଲା କଲେଜ ଅଫ ଏକାଉଡେନ୍‌ସି କଲେଜ ଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବାଯୋଜନା ସଂଯୋଜକ ଡଃ ଶୁଭେନ୍ଦୁ ଦାସ ଶୁଭାରମ୍ଭ କରିଥିବା ବେଳେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସହିତ ବିଶ୍ୱବିଦ୍ୟାଳୟର ପୂର୍ବତନ ଜାତୀୟ ସେବାଯୋଜନା ସଂଯୋଜିକା ପ୍ରାଧ୍ୟପିକା ଉଷା ଶତପଥୀ ଏବଂ ଜାତୀୟ ସେବାଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତି ରଞ୍ଜନ ଦାସ ଉପସ୍ଥିତ ଥିଲେ । ସେହି ମହାବିଦ୍ୟାଳୟ ଜାତୀୟ ସେବାଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମୀରା ସେନାପତି, ଅଧ୍ୟାପିକା ବିଜୟା ନାୟକ ପରିଚାଳନା ରେ ସହଯୋଗ କରିଥିଲେ । ସେଠାରେ ରାଲି ସହିତ ସଚେତନତାର ବାର୍ତ୍ତା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ଶତାଧିକ ସ୍ୱେଚ୍ଛାସେବୀଙ୍କ ସହିତ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡଃ ଆଲବିନା ତିର୍କୀ, ଡଃ ପ୍ରିୟବ୍ରତ ବେହେରା । ଡଃ ଅନାମଚରଣ ରାଉଳ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନୀତ କରିଥିଲେ । ସେହିଦିନ ତରତୀୟ ପର୍ଯ୍ୟାୟରେ ବାରିପଦା ଆଇନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁକାନ୍ତ କୁମାର ଦ୍ୱିବେଦୀ ଓ କାର୍ଯ୍ୟକ୍ରମ ଅଧିକାରୀ ଡଃ ବନମାଳୀ ବାରିକ ଙ୍କ ସହିତ ବିଶ୍ୱବିଦ୍ୟାଳୟ ର ସଂଯୋଜକ, ପୂର୍ବତନ ସଂଯୋଜିକା ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ରହି ପ୍ରତ୍ୟକ୍ଷ ଭାବରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ନିୟନ୍ତ୍ରଣ କରିଥିଲେ । ଏହାପରେ ଶ୍ରୀମାମହିଳା ମହାବିଦ୍ୟାଳୟ, ବାରିପଦାଠାରେ ଅଧ୍ୟକ୍ଷ ଅଟଳ ବିହାରୀ ମହାନ୍ତଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମାନସୀ ବାରିକ ଓ କାର୍ଯ୍ୟକ୍ରମ ଅଧିକାରୀ ରୂପାଲି ମହାନ୍ତ ନିୟନ୍ତ୍ରଣ କରିଥିଲେ । ଏଠାରେ ବାରିପଦା ପୌରପାଳିକାର ପାଂଚ ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱେଚ୍ଛାସେବୀ ଦୀପକ କୁମାର ଗିରି ଓ ତାଙ୍କର ସହଯୋଗୀ ସ୍ୱଚ୍ଛାସେବୀ ବୃନ୍ଦ କାନ୍ଥରେ ଚିତ୍ରାଙ୍କନ କରି ସ୍ୱଚ୍ଛତା ବାର୍ତ୍ତା ପ୍ରଦାନ କରିଥିଲେ । ତା୩୦/୩/୨୧ରିଖରେ ବାରିପଦା ସ୍ଥିତ ବାଇଗଣ ବାଡ଼ିଆ କଲେଜରୁ ଅଧ୍ୟକ୍ଷ୍ୟ ଏସ୍.ଏନ୍.ଡି ସବନ ଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଠାରେ ମଧ୍ୟ ମହାବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ସହିତ ସଚେତନତା ନିମନ୍ତେ ୱାଲପେଂଟିଂ ଇତ୍ୟାଦି କରାଯାଇଥିଲା । ପରିଶେଷରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ସଂଯୋଜକ ଡଃ ଶୁଭେନ୍ଦୁ ଦାସ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ସ୍ମୃତିରଞ୍ଜନ ଦାସ ଉପସ୍ଥିତ ରହି ସ୍ୱଚ୍ଛତା ହାଁ ସେବା ଉପରେ ବକ୍ତବ୍ୟ ରଖିବା ସହିତ ଦେଶମାତୃକାର ସେବା ଦ୍ୱାରା ଆମେ ନିଜକୁ ଉଚ୍ଚ ସ୍ଥାନରେ ରଖି ପାରିବା ବୋଲି ସ୍ୱେଚ୍ଛାସେବୀଙ୍କୁ ଉଦ୍‌ବୋଧନ ଦେଇଥିଲେ ।

# ଅଭାବ ଅନାଟନକୁ କେନ୍ଦ୍ର କରି ଉଗ୍ର ରୂପ ନେଲା ପାରିବାରିକ କଳହ

## ପତ୍ନୀକୁ କଟୁରୀରେ ହାଣି ହତ୍ୟା କଲା ସ୍ୱାମୀ, ଅଭିଯୁକ୍ତ ସ୍ୱାମୀ ଗିରଫ

ଜଗତସିଂହପୁର, (ପିଏନ)- ପାରିବାରିକ କଳହକୁ କେନ୍ଦ୍ର କରି ପତ୍ନୀକୁ କଟୁରୀ ସାହାଯ୍ୟରେ ହାଣି ହତ୍ୟା କରିଛି ନୃସଂଶ ସ୍ୱାମୀ । ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା (ଖ) ଗ୍ରାମରେ ଘଟିଯାଇଛି ଏଭଳି ଏକ ଅଭାବନୀୟ ଘଟଣା । ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିବା ସହ ଏନେଇ ଅଧିକ ପଚରା ଉଚୁରା ଜାରୀ ରଖିଛି କୁଜଙ୍ଗ ପୋଲିସ ।
ଅଭାବ ଅନାଟନକୁ କେନ୍ଦ୍ର କରି ପତି ପତ୍ନୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କହଳ ଲାଗି ରହୁଥିଲା । ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ସ୍ୱାମୀ ତଥା ଟ୍ରାକ୍ଟର ଡ୍ରାଇଭର ମେଘନାଦ ତରାଇ ପତ୍ନୀ ପାର୍ବତୀଙ୍କ ମୁଣ୍ଡକୁ କଟୁରୀରେ ଚୋଟ ପକାଇଥିଲା । ଫଳରେ ଗଭୀର କ୍ଷତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ କୁଜଙ୍ଗ ପୋଲିସ ସେଠାରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜ୍ଜୁ ହୋଇଛି । ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ମେଘନାଦକୁ ଗିରଫ କରିବା ସହିତ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି ।
ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦମ୍ପତିଙ୍କର ଏକ ୧୩ ବର୍ଷିୟା ଝିଅ ଓ ଏକ ୮ ବର୍ଷର ପୁଅ ରହିଛି ।

# ଏମ.ପି.ଏଚ୍.ଡବ୍ଲ୍ୟୁଙ୍କ ଠାରୁ ୭ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ଡାକ୍ତର

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ର ର ଜଣେ ଡାକ୍ତର ସେଠାର ବେଣୁପାଣୀ ଦିଗାଲ ନାମକ ଜଣେ ମଲଟି ପର୍ପଜ ହେଲଥ୍ ୱାର୍କର(ଏମ.ପି. ଏଚ୍.ଡବ୍ଲ୍ୟୁ)ଙ୍କ ଠାରୁ ତାଙ୍କର ବକେୟା ବିଲ କରିଦେବାକୁ ତାଙ୍କ ଠାରୁ ୭ ହଜାର ଟଙ୍କା ଲାଂଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ହାତରେ ପଡିଛନ୍ତି । ସୁଚନା ଅନୁସାରେ ବେଣୁପାଣୀ ଦିଗାଲ ତାଙ୍କର ପାଇବାକୁ ଥିବା ୪୧ ହଜାର ଟଙ୍କାର ବିଲ ପାସ କରିଦେବାକୁ ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟୀତ୍ୱରେ ଥିବା ଡା.ନିଶିକାନ୍ତ ମାଲୁଙ୍କୁ ଅନୁରୋଧ କରିଆସୁଥିଲେ । ହେଲେ ଏହି ବିଲକୁ ପାସ କରିଦେବାକୁ ଡାକ୍ତର ତାଙ୍କୁ ୭ ହଜାର ଟଙ୍କା ଲାଂଚ ମାଗିଥିଲେ । ଭିଜିଲାନ୍ସ ବିଭାଗ ଏହି ସଂକ୍ରନ୍ତରେ ଏକ ମାମଲା ୭/୩୦.୦୩୨୦୨୧ ରୁଜ୍ଜୁ କରିବା ସହ ଫୁଲବାଣୀ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗର ଇନସ୍ପେକ୍ଟର ସବିତାଞ୍ଜଳି ନାୟକ,କନେଷ୍ଟବଲ ନାଡାୟଣ ସେଠୀ ଏବଂ ଫୁଲବାଣୀର ସାନ୍ତନୁ ବେହେରାଙ୍କୁ ନେଇ ଏକ ଯୋଜନା କରାଯାଇଥିଲା ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତ୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ୍ୟ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ୍ୟ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ୁକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସୟ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଳ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।

# ନୂଆ କୋବିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।




Bhubaneswar Friday April 02, 2021 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୦୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଭୁବନେଶ୍ୱର ମହାନଗର ନିଗମ ୟୁଜର୍ସ ଫି ତୁରନ୍ତ ପ୍ରତ୍ୟାହାର କରନ୍ତୁ : କଂଗ୍ରେସ

ଭୁବନେଶ୍ୱର : ଭୁବନେଶ୍ୱର ମହାନଗର ନିଗମ ଏବେ ନିଗମ ଅଂଚଳରେ ଥିବା ଅଧିବାସୀମାନଙ୍କ ପାଖରୁ ୟୁଜର୍ସ ଫି ଜୋରଜବରଦସ୍ତି ଆଦାୟ କରୁଛନ୍ତି। ୨୦୧୫ ମସିହାରେ ପ୍ରଥମତଃ ଭୁବନେଶ୍ୱର ମହାନଗର ନିଗମ ୟୁଜର୍ସ ଫି ଆଦାୟ କରିବା ପାଇଁ ଏକ ନିଷ୍ପତି ନେଇଥିଲା। ସେହି ସମୟରେ ଏହି ଫି ବିରୁଦ୍ଧରେ ଭୁବନେଶ୍ୱର ମହାନଗର ଅଂଚଳର କିଛି ନାଗରିକ ସଂଗଠନମାନେ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏ ବାବଦରେ ଏକ କେଶ୍ ଦାୟର କଲେ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନର ୟୁଜର୍ସ ଚାର୍ଜେସ୍ ରେଗୁଲେସନ, ୨୦୧୫ କୁ ତତ୍‌କ୍ଷଣାତ୍ ବନ୍ଦ କରିବା ପାଇଁ ଏକ ନିଷିଦ୍ଧାଦେଶ ଜାରି କରିଥିଲେ। କିନ୍ତୁ ଯେତେବେଳେ ସାରା ରାଜ୍ୟରେ ବିଶେଷ କରି ଭୁବନେଶ୍ୱର ମହାନଗର ନିଗର ଅଂଚଳର ଅଧିବାସୀମାନେ କରୋନା ମହାମାରୀ ପ୍ରକୋପରେ ପୀଡିତ ଏବଂ ସେମାନଙ୍କର ଆୟ ବହୁମାତ୍ରାରେ କମିଯାଇଛି, ରୋଜଗାର ନାହିଁ, ରୋଜଗାରର ପନ୍ଥା ମଧ ବନ୍ଦ। ସେହି ସମୟରେ କିଛି କୁଚକ୍ରୀ ଅଣଓଡିଆ ଅମଲାତନ୍ତ୍ରୀ ଏକ ନିର୍ଦ୍ଦିଷ୍ଟ ଅଣଓଡିଆ ଅମଲାତନ୍ତ୍ରୀର ତୃତୀୟ ମହଲାର ନିର୍ଦ୍ଦେଶରେ ବାରମ୍ବାର କେତେବେଳେ ହୋଲ୍ଡିଂ ଟ୍ୟାକ୍ସ / ପ୍ରପର୍ଟି ଟ୍ୟାକ୍ସ ତ କେତେବେଳେ ୟୁଜର୍ସ ଚାର୍ଜେସ୍ ଆଦାୟ କରିବାରେ ଲାଗିଛନ୍ତି। ଏହାର କିଛିଦିନ ପୂର୍ବରୁ ଜିଲ୍ଲା କଂଗ୍ରେସ ଏହି ହୋଲ୍ଡିଂ ଟ୍ୟାକ୍ସ ବିରୁଦ୍ଧରେ ଆନ୍ଦୋଳନ ଚଳାଇବା ଯୋଗୁଁ ସରକାର ବାଧ ହୋଇ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ବନ୍ଦ କଲେ। କିନ୍ତୁ ଏବେ ୟୁଜର୍ସ ଚାର୍ଜେସ ଆଦାୟ କରିବାରେ ଲାଗିଛନ୍ତି। ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତିଙ୍କ ପୌରହିତ୍ୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀ ପଂଚାନନ କାନୁନ୍‌ଗୋ କହିଲେ ଯେ ଏହି ୟୁଜର୍ସ ଚାର୍ଜେସ୍ ଆଦାୟ ସଂପୂର୍ଣ୍ଣ ଆଇନ୍‌ର ବିରୁଦ୍ଧାଚରଣ କରୁଛି ଏବଂ ଓଡିଶା ମ୍ୟୁନିସିପାଲ ଆକ୍ଟର ୨୦୦୩ ର ବିରୁଦ୍ଧାଚରଣ କରୁଛି। ସାଧାରଣତଃ ୟୁଜର୍ସ ଚାର୍ଜେସ୍ ଯଦି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ଭୁବନେଶ୍ୱର ମ୍ୟୁନିସିପାଲ ଅଧିନରେ ଥିବା କୌଣସି ଜାଗାକୁ ନିଜସ୍ୱ ଉଦ୍ଦେଶ୍ୟରେ ବ୍ୟବହାର କରେ ତେବେ ତା ପାଖରୁ ୟୁଜର୍ସ ଫି ଆଦାୟ କରାଯିବା ଉଚିତ୍। ଏହାର ଅର୍ଥ ନୁହେଁ ସବୁ ଲୋକଙ୍କ ପାଖରୁ ୟୁଜର୍ସ ଫି ଆଦାୟ କରାଯିବ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ୍ ଦାସ କହିଲେ ଯେ ଯଦି ଭୁବନେଶ୍ୱର ମହାନଗର ନିଗମ ଅଧିକାରୀ ଏବଂ ସହରାଚଂଳ ବିକାଶ ମନ୍ତ୍ରୀ ଏହି ୟୁଜର୍ସ ଫି ଆଦାୟକୁ ତୁରନ୍ତ ବନ୍ଦ ନକରନ୍ତି ତେବେ ଏହି ଆନ୍ଦୋଳନ ବହୁ ତିବ୍ରତର ହେବ। କଂଗ୍ରେସ ଲୋକମାନଙ୍କ ସ୍ୱାର୍ଥ ପାଇଁ ଏହି ଲଢ଼େଇ ସବୁ ସ୍ତରରେ ଲଢ଼ିବ। ଆମେ ରାଜ୍ୟ ସରକାର ତଥା ଭୁବନେଶ୍ୱର ମହାନଗର ନିଗମକୁ ମାତ୍ର ଏକମାସ ସମୟ ଦେଲୁ। ଏହି ସମୟ ଭିତରେ ୟୁଜର୍ସ ଫି ଆଦାୟ ବନ୍ଦ କରନ୍ତୁ ଏବଂ ଏହାକୁ ଶୀଘ୍ର ପ୍ରତ୍ୟାହାର କରନ୍ତୁ। ଶ୍ରୀ ଦାସ ମହାନଗର ନିଗମ ଅଧିବାସୀମାନଙ୍କୁ ନିବେଦନ କରିଛନ୍ତି ଯେ ଏହି ୟୁଜର୍ସ ଫି ଦିଅନ୍ତୁ ନାହିଁ ଏବଂ ଏହି ଲଢ଼େଇରେ ଆମକୁ ସହଯୋଗ କରନ୍ତୁ। ବରିଷ୍ଠ କଂଗ୍ରେସ ନେତା ତଥା ଆଇନ୍‌ଜୀବୀ ଶ୍ରୀ ଶିବାନନ୍ଦ ରାୟ କହିଲେ ଯେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ, ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ହୋଇନାହିଁ, ସମସ୍ତ ରାସ୍ତା ଅତି ଖରାପ ଅବସ୍ଥାରେ ଅଛି, କିନ୍ତୁ ଫି କାହା ପାଇଁ ଆଦାୟ କରାଯାଉଛି। ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତି କହିଲେ ଯେ ଏ ରାଜ୍ୟ ସରକାର ତଥା ଭୁବନେଶ୍ୱର ମହାନଗର ନିଗମର ଅଧିକାରୀବୃନ୍ଦଙ୍କ ମିଳିତ ଷଡଯନ୍ତ୍ରରେ ସହରବାସୀ ଶିକାର ହେଉଛନ୍ତି ଏବଂ ଏଭଳି ପରିସ୍ଥିତିରେ ଲୋକମାନଙ୍କ ପାଖରୁ ଜୋର ଜବରଦସ୍ତି କରବ। ଫି ଆଦାୟ କରିବା ଏକ ଗଣତାନ୍ତ୍ରିକ ସରକାରର ଧର୍ମ ନୁହେଁ। ବରିଷ୍ଠ ମହିଳା କଂଗ୍ରେସ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର କହିଲେ ଯେ ମହାନଗର ନିଗମ ଅଧିବାସୀମାନେ କାହିଁକି ସରକାରଙ୍କୁ କର ଦେବେ ? ମହାନଗର ନିଗମ ଯେଉଁ ପ୍ରାଇଭେଟ୍ ଫାର୍ମ ମାନଙ୍କୁ ବିଭିନ୍ନ ସଫେଇ କାମରେ ନିୟୋଜିତ କରିଛନ୍ତି ସେମାନଙ୍କୁ ସାମାନ୍ୟ ଉପକରଣଟିଏ ମଧ ଦେଉନାହାନ୍ତି। ମଇଳା କୁଢ଼ କୁଢ଼ ପଡି ରହୁଛି, ରାସ୍ତାଘାଟ ପରିଷ୍କାର ହେଉନାହିଁ ବୋଲି କହିଥିଲେ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ୮୬ତମ ପୋଲିସ ପ୍ରତିଷ୍ଠା ଦିବସ



କେନ୍ଦ୍ରାପଡା: କେନ୍ଦ୍ରାପଡାରେ ୮୬ତମ ଜିଲ୍ଲା ସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜଜାଙ୍ଗସ୍ଥିତ ପୋଲିସ ରିଜର୍ଭ ପଡିଆରେ ଅନୁଷ୍ଠିତ ପ୍ୟାରେଡରେ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଏସପି ଶ୍ରୀ ମଡକର ପ୍ରଥମେ ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟାପାଳ ଓ ପରେ ମୁଖ୍ୟମନ୍ତ୍ରୀଙ୍କଟାରୁ ପ୍ରାପ୍ତ ବାର୍ତ୍ତାକୁ ପଢିଥିଲେ। ଏଥିସହିତ ଗତ ୨୦୨୦ମସିହାରେ କେନ୍ଦ୍ରାପଡା ପୋଲିସ ଜିଲ୍ଲାର ଶ୍ରେଷ୍ଠ ପୋଲିସ ସବଇନିସପେକ୍ଟର କାଦମ୍ବିନୀ ପରିଡା, ଶ୍ରେଷ୍ଠ ଏ.ଏସ.ଆଇ. ନିକୁଞ୍ଜ କିଶୋର ପ୍ରଧାନ, ଶ୍ରେଷ୍ଠ ହାବିଲଦାର ସଞ୍ଜୟ କୁମାର ଦାସ, ଶ୍ରେଷ୍ଠ ଓ.ଆର. କନେଷ୍ଟବଳ ଖଗେଶ୍ୱର ସିଂହ ଏବଂ ଶ୍ରେଷ୍ଠ ଏ.ପି.ଆର. କନେଷ୍ଟବଳ ଚିତ୍ତରଞ୍ଜନ ସ୍ୱାଇଁଙ୍କୁ ଏସପି ପୁରସ୍କୃତ କରିଥିଲେ। କେନ୍ଦ୍ରାପଡା ଜିଲ୍ଲାର ଜମ୍ବୁ ସାମୁଦ୍ରୀକ ଥାନା ପାଇଁ ଏକ ଦୁଇ ମହଲା ବିଶିଷ୍ଟ ଗୃହଦାନ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ସହକାରୀ କମାଣ୍ଡାଟ ସୁରେନ୍ଦ୍ର ନାଥ ନାୟକ, ରିଜର୍ଭ ଇନିସପେକ୍ଟର ହେମନ୍ତ କୁମାର ଦାସ, ସର୍ଜେଣ୍ଟ ମନବୀର ସାଗର ବାଗେ, ଟାଉନ ଥାନା ଇନିସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ଜିଲ୍ଲା ପୋଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡର ସବଇନିସପେକ୍ଟର ପ୍ରଦୀପ୍ତ କୁମାର କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ।

# ଆମୱେ ଇଣ୍ଡିଆ ପ୍ରଚଳନ କଲା ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍

ଭୁବନେଶ୍ୱର : ଦେଶର ଅନ୍ୟତମ ଅଗ୍ରଣୀ ଏଫଏମସିଜି ପ୍ରତ୍ୟକ୍ଷ ବିକ୍ରୟ କମ୍ପାନୀ ଆମୱେ ଇଣ୍ଡିଆ ହୋମ୍ କେୟାର ବର୍ଗରେ ତାହାର ଅଧୁନାତମ ଉଦ୍ଭାବନ ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ହୋମ୍ କେୟାର ସଲ୍ୟୁସନ୍ସରେ ନିଜର ଅଭିଜ୍ଞତା ଆଧାରରେ ଏବଂ ସ୍ୱାସ୍ଥ୍ୟରକ୍ଷା ଉତ୍ପାଦ ବର୍ଗର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାକୁ ଆମୱେ ପନିପରିବା ଏବଂ ଫଳରେ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରକୁ ଏହି ଉତ୍ପାଦ ପ୍ରଚଳନ ସହିତ ପ୍ରବେଶ କରିଛି। ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍ ହେଉଛି ଫଳ ଓ ପନିପରିବା ପାଇଁ ଏକ ୫-ଇନ୍-୧ ପରିଷ୍କାରକ ସମାଧାନ ବ୍ୟବସ୍ଥା। ଏହି ପରିଷ୍କାରକ ସମାଧାନ ବ୍ୟବସ୍ଥାରେ କୌଣସି କ୍ଲୋରିନ, ବ୍ଲିଚ୍, ଆଲକୋହଲ, କୃତ୍ରିମ ରଙ୍ଗ ଅଥବା ପ୍ରାଣୀଭିତ୍ତିକ ଉପାଦାନ ଯୋଗ କରାଯାଇନାହିଁ। ୧୯୭ କୀଟନାଶକ କ୍ଷେତ୍ରରେ ଏହାକୁ ବୈଜ୍ଞାନିକ ଆଧାରରେ ଲାବୋରେଟୋରୀରେ ପରୀକ୍ଷା ନିରୀକ୍ଷା କରାଯାଇଛି ଏବଂ ପୃଷ୍ଠଭାଗରେ ଲାଗିଥିବା ଜୀବାଣୁ (ବ୍ୟାକ୍‌ଟେରିଆ ଓ ଫିମ୍ପି), ପୃଷ୍ଠଭାଗର କୀଟନାଶକ, ମହମ, ପୃଷ୍ଠଭାଗରେ ଥିବା ଭାରି ଧାତୁ ସହିତ ଫଳ, ପନିପରିବା ଏବଂ ମୁଖ୍ୟ ଖାଦ୍ୟଶସ୍ୟରୁ ମଇଳା ଓ ଧୂଳି ଦୂର କରିବା ସହିତ କୌଣସି ଅବଶେଷ ଛାଡୁନଥିବା ପ୍ରମାଣିତ ହୋଇଛି। ଏହାର ଶୁଭାରମ୍ଭ ସମ୍ପର୍କରେ ପ୍ରକାଶକରି ଆମୱେ ଇଣ୍ଡିଆର ସିଇଓ ଅଂଶୁ ବୁଧରାଜା କହିଛନ୍ତି, ଗ୍ଧଚଳିତ ବର୍ଷଗୁଡିକରେ ଉତ୍ତମ ଗୃହ ସ୍ୱାସ୍ଥ୍ୟରକ୍ଷା, ବର୍ଦ୍ଧିତ ଆୟ, ସହରାଞ୍ଚଳ ବୃଦ୍ଧି ସହିତ ଅଧିକରୁ ଅଧିକ ଉତ୍ପାଦର ବଜାର ପ୍ରବେଶ ଦ୍ୱାରା ପ୍ରେରିତ ହୋଇ ହୋମ୍ କେୟାର ବର୍ଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଧିତ ହୋଇଛି। ସାମ୍ପ୍ରତିକ ଦୃଶ୍ୟପଟରେ ଉପଭୋକ୍ତାମାନେ ବରଂ ଅଧିକ ସ୍ୱାସ୍ଥ୍ୟରକ୍ଷା ସଚେତନ ହୋଇଯାଇଛନ୍ତି ଏବଂ ଉପଭୋକ୍ତାଙ୍କ ଆଚରଣ ତଥା ଆହରଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଲକ୍ଷ୍ୟ କରୁଛୁ। ସ୍ୱାସ୍ଥ୍ୟଯନ୍ ଦିଗ ପ୍ରତି ହଠାତ୍ ଧ୍ୟାନଦେବାରେ ବୃଦ୍ଧି ଘଟିବା ଘଟଣା ଗୃହରେ ସ୍ୱାସ୍ଥ୍ୟରକ୍ଷା ଦିଗକୁ ଅନ୍ୟତମ ସର୍ବାଧିକ ଅଗ୍ରାଧିକାର ବିଷୟରେ ପରିଣତ କରିଛି। ସର୍ବୋଚ୍ଚ ମାନ ଏବଂ ବିବିଧ ଉତ୍ପାଦ ଯୋଗାଇଦେବାକୁ ଆମର ପ୍ରତିବଦ୍ଧତା ବଜାୟ ରଖି ଆମେ ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍ ପ୍ରଚଳନ କରିଛୁ। ଏହି ଉତ୍ପାଦରେ ପ୍ରାକୃତିକ ଭାବେ ସଂଗୃହୀତ ପରିଷ୍କାରକ ତତ୍ତ୍ୱ ରହିଛି, ଯାହା କୌଣସି କ୍ଷତିକାରକ ଅବଶେଷ ଛାଡେନାହିଁ। ପରିବେଶ ଉପଯୋଗୀ ହୋମ୍‌କେୟାର ସଲ୍ୟୁସନ୍ସ ବିକାଶ କରିବାରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଆଧାରରେ ଏହି ଉଦ୍ଭାବନ ସ୍ୱାସ୍ଥ୍ୟକର ଉତ୍ପାଦସମୂହ ପାଇଁ ଆମର ଉପଭୋକ୍ତାଙ୍କର ବର୍ଦ୍ଧିତ ଚାହିଦା ପୂରଣ କରିବା ଲକ୍ଷ୍ୟ ରଖିଛି। ଗ୍ଧନୂତନ ଉଦ୍ଭାବନ ସମ୍ପର୍କରେ ପ୍ରକାଶକରି ଆମୱେ ଇଣ୍ଡିଆର ଚିଫ ମାର୍କେଟିଂ ଅଫିସର ଅଜୟ ଖାନ୍ନା କହିଛନ୍ତି, ଗ୍ଧସଂପ୍ରତି ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟରକ୍ଷା ସଚେତନତା ସ୍ତର ଅଧିକ ରହିଥିବାବେଳେ ନିୟମିତ ଫଳ ଓ ପନିପରିବା ଧୋଇବା ପରେ ଅବଶିଷ୍ଟ ରହିଯାଉଥିବା ରାସାୟନିକ ପଦାର୍ଥ ଏବଂ ବ୍ୟାକଟେରିଆକୁ ନେଇ ସମସ୍ତେ ଚିନ୍ତା ବ୍ୟକ୍ତ କରିବା ସ୍ୱାଭାବିକ। କିନ୍ତୁ ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍‌କୁ ଉତ୍ତମ ହୋମ୍‌କେୟାର ସଲ୍ୟୁସନ ଭାବରେ ବିବେଚନା କରାଯାଉଛି ଯେଉଁଥିରେ ଧୋଇବାର ୱାନ୍-ଟୁ ପଞ୍ଚ୍ ରହିଛି। ଅନେକ କ୍ଷେତ୍ରରେ ଉପଭୋକ୍ତାମାନେ ସେମାନଙ୍କର ଇଚ୍ଛାଧୀନ ଖର୍ଚ୍ଚକୁ ସୀମିତ ରଖୁଥିବା ରିପୋର୍ଟ ହସ୍ତଗତ ହେଉଥିବାବେଳେ ଆମୱେ ହୋମ୍ ଫ୍ରୁଟ ଆଣ୍ଡ ଭେଜି ୱାଶ୍ ଭାଲ୍ୟୁ ଫର୍ ମନି ପ୍ରଦାନ କରୁଛି। ଏକ ସ୍ୱତନ୍ତ୍ର ଦ୍ରବଣ ଫର୍ମୁଲାରେ ଏହି ପରିଷ୍କାରକ ସମାଧାନ ବ୍ୟବସ୍ଥା ପ୍ରତିଥର ବ୍ୟବହାରରେ କମ୍ ଖର୍ଚ୍ଚ କରିବା ନୀତି ଉପରେ ଆଧାରିତ ହୋଇଛି। ଗ୍ଧସେ ଆହୁରି କହିଥିଲେ, ଗ୍ଧବଜାରରେ ରହିଥିବା ବ୍ୟବସାୟ ସୁଯୋଗକୁ ନେଇ ଆମେ ଅତ୍ୟନ୍ତ ଉତ୍ସାହିତ ଅଛୁ। ସମଗ୍ର ଦେଶସ୍ତରରେ ପହଞ୍ଚିବା ସହିତ ଆମର ଡାଇରେକ୍ଟ ରିଟେଲର / ସେଲର୍ ଏବଂ ସେମାନଙ୍କ ଉପଭୋକ୍ତାଙ୍କୁ ନିୟୋଜିତ କରିବା ପ୍ରକ୍ରିୟା ନିଶ୍ଚିତ କରିବା ସକାଶେ ଫଳ ଓ ପନିପରିବା ପୃଷ୍ଠଭାଗରେ ଜମିରହୁଥିବା ଅପରିଷ୍କାର ପଦାର୍ଥ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଏବଂ ଡିଜିଟାଲ କାର୍ଯ୍ୟକ୍ରମ ହାତକୁ ନେଉଛୁ।

## ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ପାଇଁ କେନ୍ଦ୍ରାପଡା ଅବଦାନ ଅତୁଳନୀୟ

କେନ୍ଦ୍ରାପଡା : ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡା ଜିଲ୍ଲା ଶାଖା ଓ କେନ୍ଦ୍ରାପଡା ସ୍ୱୟଂ ସାଶିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୮୬ତମ ସ୍ୱତନ୍ତ୍ର ଉତ୍କଳ ସ୍ୱନକ୍ଷେତ୍ର ଦିବସ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପୌରହିତ୍ୟରେ ଆୟୋଚିତ ସଭାରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିମନ୍ତେ ଉତ୍କଳ ସମ୍ମିଳନୀ ନେତୃତ୍ୱରେ ହୋଇଥିବା ଗୌରବମୟ ଆନ୍ଦୋଳନକୁ ଅବିଭକ୍ତ କଟକ ଜିଲ୍ଲାର କେନ୍ଦ୍ରାପଡାର ଅବଦାନ ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମି ଦିନମାନଙ୍କରେ ଏହିପରି ଐତିହାସିକ ଦିବସ ଗୁଡିକୁ ଅଧିକ ଆକର୍ଷଣୀୟ ଭାବେ ପାଳନ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ବୈଠକରେ ମହାବିଦ୍ୟାଳୟର ଅଧକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ପାଦକ ବିଶିଷ୍ଟ ସାହିତ୍ୟକ ଡଃ ବାସୁଦେବ ଦାସ ସଂଗଠନର ଅତିତ କାର୍ଯ୍ୟାବଳୀର ସମ୍ୟକ ସୂଚନା ଏବଂ ସଂଗଠନ ସମ୍ପାଦକ ଗୋପାଳକୃଷ୍ଣ ଜେନା ଅତିଥି ପରିଚୟ ଓ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ସୁଭ୍ରାଂଶୁ କୁମାର ଦାସ, ଆଦିକନ୍ଦ ରାଉଳ, ପ୍ରାଧ୍ୟାପକ ପ୍ରଭାକର ମଲ୍ଲିକ, ଜ୍ଞାନୀନ୍ଦ୍ର ଦାଶ, ଗୌରପ୍ରସାଦ ଷଡଙ୍ଗୀ, ରମାନାଥ ମହାନ୍ତି, ରଞ୍ଜିତ କୁମାର ଦାସ,ତୁଷାରକାନ୍ତୀ ଭୂୟାଁ, ଦେବକାନ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଣଶିଳ୍ପି ଗୋଲଖ ସେଠୀ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

## ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ୩୦ ଦିନିଆ ମାଗଣା ଭର୍ଚ୍ୟୁଆଲ୍ ଡାକ୍ତରୀ ପରାମର୍ଶ ମହାମାରୀ କୋଭିଡ୍-୧୯ ଲାଗି ଯୋଗାଇ ଦିଆଯିବ

ଭୁବନେଶ୍ୱର : ଏଟନା ପକ୍ଷରୁ ଭି-ହେଲଥ୍ ସହାୟତାରେ ମହାମାରୀ କୋଭିଡ୍-୧୯ ସଂକ୍ରମଣରୁ ଦୂରେଇ ରହିବା ଲାଗି ଲୋକଙ୍କୁ ମାଗଣାରେ ଭର୍ଚ୍ୟୁଆଲ ଡାକ୍ତରୀ ପରାମର୍ଶ ଯୋଗାଇ ଦିଆଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏପ୍ରିଲ୍ ୧୫ ପର୍ଯ୍ୟନ୍ତ ଏହି ସୁବିଧା ଉପଲବ୍ଧ ହେବ। ଡାକ୍ତରୀ ପରାମର୍ଶ ପାଇଁ ନିଶୁଳ୍କ ୧୮୦୦-୧୦୩-୭୦୯୩ ନମ୍ବରରେ ଛୁଟି ଦିନ ବ୍ୟାତିତ ସପ୍ତାହର ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସକାଳ ୮ଟାଠାରୁ ରାତ୍ରି ୮ଟା ମଧରେ କଲ୍ କରିବାକୁ ପଡ଼ିବ। ସେହିପରି ଅନ୍ ଲାଇନ୍ ପିକରଣ ପାଇଁ ୯୦୨୯୦ ୯୬୧୮୬ରେ ମିସଡ୍ କଲ୍ କରିବାକୁ ହେବ। ଏହା ସହିତ www.vHealth.ioରେ ମଧ ଯୋଗାଯୋଗ କରାଯାଇପାରେ। କୋଭିଡ୍-୧୯ସଂକ୍ରମଣରୁ ଦୂରେଇ ରହିବା ଲାଗି ସାମାଜିକ ବ୍ୟବସ୍ଥାଠାରୁ ଦୂରତା ବଜାୟୀ ରଖିବା ପାଇଁ ବିଶ୍ୱବ୍ୟାପୀ ବିଭିନ୍ନ ଦେଶର ସରକାରଙ୍କ ପକ୍ଷରୁ ଘୋଷଣା ପରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଭି-ହେଲଥ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ଦ୍ୱାରା ଲୋକଙ୍କୁ ପରାମର୍ଶ, ବିକଳ୍ପ ଚିକିତ୍ସା ପ୍ରଣାଳୀ, ଆଲୋଚନା, ଡାଇଗ୍ନୋଷ୍ଟିକ୍ ରିପୋର୍ଟ ଏବଂ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ସହଜରେ ଉପଲବ୍ଧ କରାଯାଇ ପାରିବ। ଏହା ହସ୍ପିଟାଲରେ ଥିବା ବ୍ୟକ୍ତି ବିଶେଷଙ୍କ ସହିତ ଘରେ ଥିବା ଲୋକଙ୍କୁ ମଧ ଆବଶ୍ୟକ ପରାମର୍ଶ ଦେବାକୁ ସକ୍ଷମ ହେବ। ଯାହାଦ୍ୱାରା ସମ୍ଭାବ୍ୟ ସଂକ୍ରମଣ ଆଶଙ୍କାରୁ ସହଜରେ ଦୂରେଇ ରହିହେବ। ଏହି ଅବସରରେ ଏଟନା ଇଂଟରନ୍ୟାଶନାଲ୍‌ର ପପୁଲେଶନ ହେଲଥ୍ ସଭାପତି ଡ. ସ୍ନେହ ଖେମ୍‌କା କହିଲେ, ଦେଶର ଅଗ୍ରଣୀ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ କମ୍ପାନୀ ଭାବରେ ଜରୁରୀକାଳୀନ ପରିସ୍ଥିତିରେ ଆମେ ଭର୍ଚ୍ୟୁଆଲ୍ ସେବା ଯୋଗାଇ ଦେବାଲାଗି ପ୍ରତିଶ୍ରୁତିବଦ୍ଧ। ଏଭଳି ଏକ ସ୍ଥିତିରେ ସମାଜକୁ ଆବଶ୍ୟକ ସ୍ୱାସ୍ଥ୍ୟ ପରାମର୍ଶ ଯୋଗାଇ ଦେବା ଆମର ପ୍ରଥମ କର୍ତ୍ତବ୍ୟ। ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସେବା, ଡାଇଗ୍ନୋଷ୍ଟିକ୍, ପ୍ୟାଥୋଲୋଜି, ଡେଂଟାଲ୍ ଏବଂ ଫାର୍ମାସି ସେବା ଯୋଗାଇ ଦିଆଯାଇଥାଏ। ସମ୍ପ୍ରତି ଭାରତରେ ଭି-ହେଲଥ୍ ପକ୍ଷରୁ ୩ ନିୟୁତରୁ ଅଧିକ ପିକୃତ ସଦସ୍ୟଙ୍କୁ ସେବା ଯୋଗାଇ ଦିଆଯାଉଛି। ଏଟ୍ର ନେଟ୍ ପ୍ରମୋଟର ସ୍କୋର୍ +୬୫ ରହିଛି। ସୂଚନାଯୋଗ୍ୟ, ଏଟନା ଦ୍ୱାରା ପରିଚାଳିତ ଭି-ହେଲଥ୍ ପକ୍ଷରୁ ଦେଶର ୫୦୦ରୁ ଅଧିକ ସହରରେ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ସେହିପରି ୨୦୧୮ ନଭେମ୍ବର ୨୮ରେ ଏଟନାକୁ ସିଗିଏସ୍ ହେଲଥ୍ ଅଧିଗ୍ରହଣ କରିଥିଲା। ସିଗିଏସ୍ ସୁସ୍ଥ ସ୍ୱାସ୍ଥ୍ୟ ଲାଗି ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦେଇଥାଏ।

## ନୀତା ଅମ୍ବାନି କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ୧୦ ସବୁଠାରୁ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ

ଭୁବନେଶ୍ୱର: ମୁମ୍ବାଇ ଇଣ୍ଡିଆନ୍ କ୍ରିକେଟ୍ ଟିମ୍ ଦଳର ମାଲିକାଣୀ ତଥା ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷା ନୀତା ଅମ୍ବାନି ୨୦୨୦ ପାଇଁ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ୧୦ ଜଣ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ଟେନିସ୍ ତାରକା ସେରେନା ୱିଲିୟମସ୍ ଓ ଜିମ୍ନାଷ୍ଟିକ୍ କ୍ରୀଡ଼ାବିତ ସିମୋନ ବାଇଲ୍‌ସଙ୍କ ନାମ ସହିତ ନୀତାଙ୍କ ନାମ ରହିଛି। କ୍ରୀଡ଼ା ବ୍ୟବସାୟ ନେଟୱର୍କ ଗ୍ଧଆଇସ୍ପୋର୍ଟସକନେକ୍ଟ' ପକ୍ଷରୁ ଏହାର ଗ୍ଧକ୍ରୀଡ଼ାରେ ସବୁଠାରୁ ପ୍ରଭାବଶାଳୀ ମହିଳା'ର ୨୦୨୦ ତାଲିକାକୁ ପ୍ରକାଶ କରାଯାଇଛି ଓ କୁହାଯାଇଛି ଯେ ୨୫ ଜଣଙ୍କୁ ନେଇ ପ୍ରାଥମିକ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ବିଶେଷଜ୍ଞ କମିଟିର ମତାମତ ମିଳିବା ପରେ ଶ୍ରେଷ୍ଠ ୧୦ ଜଣ ମହିଳାଙ୍କ ତାଲିକା ପ୍ରକାଶ କରିବାକୁ ନିଷ୍ପତି ହୋଇଥିଲା। କ୍ରୀଡ଼ା କ୍ଷେତ୍ରର ସବୁଠୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ଗଠନ କରାଯାଇଥିବା କମିଟିରେ ଟେଲ୍‌ଷ୍ଟ୍ରାର ଗ୍ଲୋବାଲ ସେଲସ୍ ହେଡ୍ ଆନ୍ନା ଲକ୍‌ଉଡ୍, ୱାଇ ସ୍ପୋର୍ଟସ୍‌ର ମ୍ୟାନେଜିଂ ପାର୍ଟନର୍ ତଥା ଓମେନ ଇନ ସ୍ପୋର୍ଟସ୍‌ର ପୂର୍ବତନ ଅଧ୍ୟକ୍ଷା ସେଲି ହାଙ୍କକ୍, ଆଇସିସି ପାଇଁ ଗଣମାଧ୍ୟମ ସତ୍ତ୍ୱଧିକାରର ପୂର୍ବତନ ମୁଖ୍ୟ ଆରତି ଦେବାସ ଓ ଆଇସ୍ପୋର୍ଟସକନେକ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ରୀ ବର୍ମା ସଦସ୍ୟା ରହିଥିଲେ। ଆଇସ୍ପୋର୍ଟସ୍‌କନେକ୍ଟ ପକ୍ଷରୁ ନୀତା ଅମ୍ବାନିଙ୍କ ସଂକ୍ରାନ୍ତରେ କୁହାଯାଇଛି ଯେ, ନୀତାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ ଦଳ ଆଇପିଏଲ ଇତିହାସରେ ସବୁଠୁ ସଫଳ ହୋଇପାରିଛି ଏବଂ ସେ ଦେଶର ବିଭିନ୍ନ କ୍ରୀଡ଼ା ପ୍ରକଳ୍ପ ସହିତ ଜଡ଼ିତ ରହିଛନ୍ତି। ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ମହିଳାମାନେ ହେଉଛନ୍ତି ଜିମ୍ନାଷ୍ଟିକ୍ ଖେଳାଳୀ ସିମୋନ୍ ବାଇଲ୍‌ସ, ଫୁଟବଲ୍ ଖେଳାଳୀ ମେଗାନ ରାପିନୋ, ଟେନିସ ତାରକା ସେରେନା ୱିଲିୟମସ ଓ ନାଓମି ଓସାକା, ଫର୍ମୁଲା ୧ର ବିପଣନ ଓ ଯୋଗାଯୋଗ ନିର୍ଦ୍ଦେଶିକା ଏଲି ନୋରମାନ୍, ଡବ୍ଲୁଏନବିଏର କମିସନର କ୍ୟାଥି ଏଲେବର୍ଟ, ଫିଫାର ସେକ୍ରେଟାରି ଜେନେରାଲ ଫାତମା ସାମୋଉରା, ସ୍ପେସିଆଲ ଅଲିମ୍ପିକ୍ସର ସିଇଓ ମେରି ଡେଭିସ ଓ ଓମେନ୍‌ସ କ୍ରିକେଟ ଇସିବିର ପରିଚାଳନା ନିର୍ଦ୍ଦେଶିକା କ୍ଲେୟାର କନୋର୍।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray